ବର୍ଷ-୨୫, ସଂଖ୍ୟା-୧୮୨
ଭୁବନେଶ୍ୱର
୦୮, ଜୁଲାଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 182
Bhubaneswar
08, July, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଅଧରପଣା ନୀତି ସମ୍ପନ୍ନ

ପୁରୀ,୭।୭(ମହାଭାରତ): ରଥାରୁଢ଼ ଶ୍ରୀଜିଉମାନଙ୍କ ଠାରେ ଆଜି ଅଧରପଣା ଲାଗି ହୋଇଛି। ପ୍ରଥମେ ବଡ଼ଠାକୁରଙ୍କ ଠାରେ ଏହି ନୀତିର ଆୟୋଜନ କରାଯାଇଛି। ତାପରେ ଦେବୀ ସୁଭଦ୍ରାଙ୍କ ଠାରେ ଅଧରପଣା ଲାଗି ହୋଇଛି। ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ଅଧରପଣା ନୀତିର ଆୟୋଜନ କରାଯାଇଛି। ଅଧରପଣା ଲାଗି ପରେ ତିନି ରଥ ଉପରେ ୯ ହାଣ୍ଡି

## ଆଜି ନିଳାଦ୍ରୀ ବିଜେ

ଭଙ୍ଗାଯାଇଛି। ଘୋଷଯାତ୍ରାର ୧୨ ଦିନର ଏହି ଲୀଳାଖେଳ ଶେଷ ପରେ ଶ୍ରୀଜିଉମାନେ ଆସନ୍ତାକାଲି ମଙ୍ଗଳବାର ସନ୍ଧ୍ୟାରେ ନୀଳାଦ୍ରି ବିଜେ କରିବେ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହ ରଥ ଉପରୁ ପୁଣି ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ରତ୍ନ ସିଂହାସନକୁ ବିଜେ କରିବେ। ଏତେ ଦିନ ଧରି ମାନ କରି ରହିଥିବା ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିବେ ବ୍ରହ୍ମାଣ୍ଡଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଜି ରାତିରେ ଅଧରପଣା ନୀତି ଶେଷ ପରେ



ଆସନ୍ତାକାଲିର ନୀତି ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ନୀତି ନିର୍ଘଂଟ କରିଛି।ଏଥିରେ ରଥରେ ବିଜେ କରିଥିବା ତିନି ମୁଖ୍ୟ ବିଗ୍ରହଙ୍କୁ, ସେମାନଙ୍କର ଅଧର ସ୍ପର୍ଶ କରୁଥିବା ତିନିଟି ଲେଖାଏଁ ଡେଙ୍ଗା ପଣା ହାଣ୍ଡି (ମୋଟ୍ ୯ ହାଣ୍ଡି) ପଣାଭୋଗ ଲାଗି ହୋଇଛି । ପଣା ହାଣ୍ଡି ଭଙ୍ଗା ଯିବା ପରେ ପାର୍ଶ୍ୱ ଦେବାଦେବୀ, ଅଶରୀର ମାନେ ଏହି ପଣା ପାଇ ପ୍ରୀତ ହୋଇଛନ୍ତି । ଏହି ପଣାଭୋଗ ପାଇଁ ନଅଟି ସାମଗ୍ରୀ ଲାଗିଥାଏ । ସେହି ନଅ ସାମଗ୍ରୀ ହେଉଛି- କ୍ଷୀର, ସର, ଛେନା, ଛାଚି (ନବାତ), ପାଚିଲା କଦଳୀ, ଗୋଲମରିଚ ଗୁଣ୍ଡ, ଜାଇଫଳ, କର୍ପୂର ଓ ଜଳ। ପାକକାର (ମହାସୁଆର) ଦୁଇଭାଗ ଜଳ, ଏକଭାଗ ବିମଳ (ଛାଚି ବା ଖଣ୍ଡ ବା ନବାତ)ଏବଂ ଏକଭାଗ ଲେଖାଏଁ ସିତା (ଦୁଗ୍ଧ), ଆମିକ୍ଷା (ଛେନା), ଦୁଗ୍ଧ ସାର (ସର) ଓ ପାଚିଲା କଦଳୀ ମିଶାଇ ଏହି ପଣା ପ୍ରସ୍ତୁତ କରିଥିଲେ। ସେଥିରେ କର୍ପୂର, ଗୋଲମରିଚ ଗୁଣ୍ଡ ଆଦି ମିଶାଇ ଏହି 'ଅମୃତକୁଣ୍ଡ' ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି ।

ସିଂହଦ୍ୱାର ନିକଟ ଛାଉଣୀ ମଠରୁ ଜଳ ଅଣା ଯାଇଥିଲା। ପାଣିଆପଟ ସେବକ ଶୁଦ୍ଧପୂତ ଭାବରେ ଏହି ଜଳ ଆଣିଥିଲେ। ପାଳିଆ ମହାସୁଆର ବିଧି ମୁତାବକ ଏହି ପଣାଭୋଗ ପ୍ରସ୍ତୁତ କରିଥିଲେ । ପ୍ରଥମେ ବଡ଼ ପିତଳ ହଣ୍ଡାରେ ପଣା ପ୍ରସ୍ତୁତ କରାଯାଇ ପରେ ତାହାକୁ ଅଧର ହାଣ୍ଡିରେ ଢଳାଯାଇଥିଲା । ପଣା ପ୍ରସ୍ତୁତି ସମୟରେ ଶ୍ରୀଜଗନ୍ନାଥଙ୍କ ରଥରେ ଭିତରଛ ମହାପାତ୍ର, ଶ୍ରୀ ବଳଭଦ୍ରଙ୍କ ରଥରେ ତଳୁଛ ମହାପାତ୍ର ଏବଂ ଦେବୀ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ କନାର ଘେର ଦେଇଥିଲେ। ତାହା ପରେ ରଥ ଶୋଧ ହୋଇ 'ଟେରା' ବନ୍ଧାଯାଇଥିଲା ଏବଂ ରଥାରୂଢ଼ ଶ୍ରୀବିଗ୍ରହ ମାନଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା । ପୂଜାପଣ୍ଡା ସେବକ ଶ୍ରୀଜୀଉମାନଙ୍କୁ ଏହି ଭୋଗ ଅର୍ପଣ କରିଥିଲେ । ଭୋଗ ହେବା ପରେ, ରଥ ଉପରେ ଏହି ହାଣ୍ଡି ଗୁଡ଼ିକ ଭାଙ୍ଗି ଦିଆଯାଇଥିଲା । ପଣା ହାଣ୍ଡି ଭଙ୍ଗା ଯିବା ପରେ ପାର୍ଶ୍ୱ ଦେବାଦେବୀ, ଅଶରୀର ମାନେ ଏହି ପଣା ପାଇ ପ୍ରୀତ ହୋଇଛନ୍ତି ।

# ଆଜିଠୁ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ

ଭୁବନେଶ୍ୱର,୭।୭(ମହାଭାରତ): ୬ ଦଫା ଦାବିରେ ଆସନ୍ତାକାଲିଠାରୁ ଓଡ଼ିଶା ଡ୍ରାଇଭର ମହାସଂଘର ପକ୍ଷରୁ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ। ଏନେଇ ସୋମବାର ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରକ, ବସ୍ ଓ ମିନିଟ୍ରକ୍ ଓ ଅଟୋ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ହେବେ। ତେବେ ଏହି ଆନ୍ଦୋଳନକୁ ବିରୋଧ କରିଛି ସଡ଼କ ପରିବହନ ଶ୍ରମିକ ମହାସଂଘର ମିଳିତ ମଞ୍ଚ। ମହାସଂଘର ସାଂଗଠନିକ ସମ୍ପାଦକ ସନ୍ତୋଷ ସାହୁ କହିଛନ୍ତି ଯେ, ରାଜ୍ୟରେ ୩୫ଟି ସଂଘ ଥିବାବେଳେ ମାତ୍ର ଗୋଟିଏ ସଂଘ ଆନ୍ଦୋଳନ କରୁଛି। କୌଣସି ଡ୍ରାଇଭର କିମ୍ବା ଟ୍ରାନ୍ସପୋର୍ଟ ସଂଘ ସାମିଲ ହେବନି। ରାଜ୍ୟ ସରକାର ସୁରକ୍ଷା ଦେଲେ ସମସ୍ତ ଗାଡ଼ି ଗଡ଼ିବ। ମଞ୍ଚ ପକ୍ଷରୁ ହୋଇଥିବା ୬ ଦଫା ଦାବି ଗୁଡ଼ିକ ହେଲା, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର୍ ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ। ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ। ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭ□ା ପ୍ରଦାନ କରାଯାଉ । ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାକିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା। ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ ଦେବା। ସେହିଭଳି ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ବୋଲି ମହାମଞ୍ଚ ଦାବି କରିଛି।

# ନନ୍ଦନକାନନରେ ଜନ୍ମ ନେଲେ ୧୧ ଆନାକୋଣ୍ଡା

**ଭୁବନେଶ୍ୱର,୭।୭(ମହାଭାରତ) :** ନନ୍ଦନକାନନରେ ଖୁସିଖବର। ଏଠାରେ ଜନ୍ମ ନେଲେ ଆଉ ୧୧ ଆନାକୋଣ୍ଡା। ଗତ ୨୯ରେ ଜନ୍ମ ନେଇଥିଲେ ୭ ଆନାକୋଣ୍ଡା ଶାବକ। ଏହାକୁ ମିଶାଇ ନନ୍ଦନକାନନରେ ହେଲେ ୨୫ ହଳଦିଆ ଆନାକୋଣ୍ଡା। ଏମାନଙ୍କ ମଧ୍ୟରେ ୨ଟି ଅଣ୍ଡିରା, ୨ଟି ମାଈ ଓ ୩ଟି ମଧ୍ୟମ ବୟସ୍କ ଥିବାବେଳେ ଲିଙ୍ଗ ଚିହ୍ନଟ ହୋଇ ନଥିବା ୧୮ଟି ଆନାକୋଣ୍ଡା ଥିବା ନେଇ ନନ୍ଦନକାନନର ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହା ନନ୍ଦନକାନନର ସରୀସୃପ ସଂରକ୍ଷଣ, ଉତ୍କୃଷ୍ଟ ତତ୍ତ୍ୱାବଧାନ ସାଙ୍ଗକୁ ବୈଜ୍ଞାନିକ ପଦ୍ଧତିରେ ପ୍ରଜନନର ଏକ ସଫଳତା ବୋଲି ସେ କହିଛନ୍ତି।

# ସରିଲା ରତ୍ନଭଣ୍ଡାର ମରାମତି କାମ

ପୁରୀ,୭।୭(ମହାଭାରତ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଆଜି ସମ୍ପୂର୍ଣ୍ଣ ହୋଇଛି। ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାମ ଏଏସ୍ଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ସମ୍ପୂର୍ଣ୍ଣ ହୋଇଛି। ଏଥି ପାଇଁ ମୋଟ ୯୫ ଦିନ ଲାଗିଥିଲା। ମୋଟ ୩୩୩ ଘଣ୍ଟାର ମରାମତି କାମ କରାଯାଇଥିବା ରେକର୍ଡ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏନେଇ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ମହାପ୍ରଭୁଙ୍କ ରତ୍ନଭଣ୍ଡାର ମରାମତି କାମ ଗତବର୍ଷ ସେପ୍ଟେମ୍ବର ୧୮ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଏହି କାମ ପାଇଁ ଏଏସ୍ଆଇ ନେତୃତ୍ୱ ନେଇଥିଲା। ରତ୍ନଭଣ୍ଡାରକୁ ଯେଭଳି କୌଣସି ଅସୁବିଧା ନହୁଏ ଓ ସୁରକ୍ଷାରେ ତ୍ରୁଟି ନହେବ, ସେଥିପାଇଁ ସତର୍କତା ଅବଲମ୍ବନ କରାଯାଇଥିଲା। ମରାମତି ପୂର୍ବରୁ ଲେଜର ସ୍କାନିଂ କରାଯାଇଛି। ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି ପାଇଁ ୯୫ ଦିନ ଲାଗିଥିଲା। ଏହାରି ମଧ୍ୟରେ କାର୍ଯ୍ୟ ଦିବସରେ ଦୁଇରୁ ଅଧିକ ଓ ୧୮ ଘଣ୍ଟାରୁ କମ ସମୟ କାମ କରାଯାଇଥିଲା। ମୋଟାମୋଟି ଭାବେ ରତ୍ନଭଣ୍ଡାର ମରାମତି ପାଇଁ ୩୩୨ ଘଣ୍ଟା ୪୭ ମିନିଟ ଲାଗିଥିଲା। ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର ଓ ବାହାର ରତ୍ନଭଣ୍ଡାରରେ ଚଟାଣ ଗ୍ରାନାଇଟ କରାଯାଇଛି। ଭାଙ୍ଗି ଯାଇଥିବା ପଥର ମରାମତି କରାଯାଇଛି। ରତ୍ନଭଣ୍ଡାରର ଭିତର ଓ ବାହାରେ ମୋଟ ୧୫ଟି ଷ୍ଟେନ୍‌ଲେସ ଷ୍ଟିଲ ଲଗାଯାଇଛି। ରତ୍ନଭଣ୍ଡାରର କବାଟ ମରାମତି କରାଯାଇଛି। ଏହାରି ଉପରେ ରଂଗ ଦିଆଯିବ। ବାହାର ରତ୍ନଭଣ୍ଡାର କବାଟ ପୂର୍ବରୁ ଆଇରନ ଗେଟ୍ ଥିଲା। ଏହା ୨୦୦ ବର୍ଷ ପୂର୍ବରୁ ନିର୍ମିତ ହୋଇଥିଲା ଏହାକୁ ଷ୍ଟେନଲେସ କରାଯାଇଛି। ବାହାର କବାଟରେ ରୁପା ଆଚ୍ଛାଦିତ କରାଯିବ।

# ବଜ୍ରପାତରେ ତିନି ଋଷୀ ମୃତ

**ଭଦ୍ରକ/ବାଲେଶ୍ୱର, ୭।୭ (ମହାଭାରତ) :** ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆଜି ବଜ୍ରପାତ ଯୋଗୁଁ ତିନିଜଣଙ୍କର ମୃତ୍ୟୁ ଘଟିଛି। ବିଲରେ ଋଷ କାମରେ ନିୟୋଜିତ ଥିବା ବେଳେ ଏମାନଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମଦନ ମହରଣା (୬୦), ହୃଦାନନ୍ଦ ମହାରଣା (୫୭) ଓ ଚନ୍ଦ୍ରକାନ୍ତ ପଣ୍ଡା। ତିହିଡ଼ି ତହସିଲ ପୀରହାଟ ଥାନା ହରସିଂହପୁର ପଞ୍ଚାୟତ ଅଧୀନ ଚଣ୍ଡିସାହି ଗ୍ରାମରେ ବଜ୍ରପାତରେ ଦୁଇଭାଇଙ୍କର ମୃତ୍ୟୁ ହୋଇ ଦୁଃଖଦ ଘଟଣା ଘଟିଛି। ଚଣ୍ଡିସାହି ଗ୍ରାମର ଜଗବନ୍ଧୁ ମହାରଣାଙ୍କ ଦୁଇ ପୁଅ ମଦନ ମହରଣା ଓ ହୃଦାନନ୍ଦ ମହାରଣା ବିଲକୁ ଋଷ କରିବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ମଦନ ଓ ହୃଦାନନ୍ଦ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସେହିପରି ବ୍ଲକର ହରସିଂହପୁର ପଞ୍ଚାୟତ ଅଧୀନ ବାରବାଟିଆ। ଗ୍ରାମର ଗିରଧାରୀ ମହାଳିକ (୬୪) ନାମକ ଜଣେ ବୃଦ୍ଧ ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା।

# ଲୋକଙ୍କ ସୁଖଦୁଃଖରେ ମୋହନ ସରକାର

ଭୁବନେଶ୍ୱର,୭।୭(ମହାଭାରତ): ସମାଜର ଶେଷ ଧାଡିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରିବ ଯେ ସରକାର ସୁଖଦୁଃଖରେ ତା ସହିତ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି ଲୋକଙ୍କ ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱାଦଶ ପାଳି। ସୋମବାର ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍‌କାଳ ପଦକ୍ଷେପ ନେଇଛନ୍ତି।

ଆଜି ପଞ୍ଜିକୃତ କରିଥିବା ୧ ହଜାର ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ।



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଁଚି ଭିନ୍ନକ୍ଷମ ଲୋକମାନଙ୍କ ପାଖକୁ ଯାଇଥିଲେ ଏବଂ ସେଠାରେ ଜଣ ଜଣ କରି ସମସ୍ତଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ପରେ ପ୍ରକୋଷ୍ଠ ଭିତରକୁ ଆସି ପଞ୍ଜିକୃତ କରିଥିବା ଅନ୍ୟ ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମସନ୍ତୋଷର ଚିହ୍ନ।

ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୧୦ ଜଣଙ୍କ ପାଇଁ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଏକାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୮୯୪ଟି ଅଭିଯୋଗ ମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୩ ପ୍ରତିଶତ ଅଟେ। ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି । ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ବନ ଓ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ବିଭିନ୍ନ ପୁରସ୍କାର ଗୁଡିକର ପୁନର୍ବିନ୍ୟାସ ଘୋଷଣା କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୭।୭(ମହାଭାରତ): ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟରେ କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ପୁରସ୍କାର ଗୁଡିକର ପୁନର୍ବିନ୍ୟାସ କରାଯାଇଛି । ଆଜି ପୁରୁଣା ଭୁବନେଶ୍ୱର ସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ନୂତନ ପୁରସ୍କାର ଆଜିଠାରୁ ହିଁ ଲାଗୁ ହୋଇଛି।

ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ଆଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସ୍ତରୀୟ ପୁରସ୍କାର ଯୁଗ୍ମ ଭାବେ ପାଇଛନ୍ତି କଳାହାଣ୍ଡିର 'ତୁଲଙ୍ଗଦର ବନ ସୁରକ୍ଷା ସମିତି' ଏବଂ କରଞ୍ଜିଆ ଫରେଷ୍ଟ ଡିଭିଜନର 'ପାହାଡପୁର ବନ ସୁରକ୍ଷା ସମିତି'। ଉଭୟଙ୍କୁ ମିଳିତ ଭାବେ ୪ ଲକ୍ଷ ଟଙ୍କା ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି।

କଳାହାଣ୍ଡି ନର୍ଥ ଫରେଷ୍ଟ ଡିଭିଜନର ତୁଲଙ୍ଗପଦର ବନ ସୁରକ୍ଷା ସମିତି ବଜାରଗଡ ଜଙ୍ଗଲର ୫୦ ହେକ୍ଟର ଅଞ୍ଚଳରେ ବୃକ୍ଷ ରୋପଣ କରି ଏହି ଅବକ୍ଷୟ ପ୍ରାପ୍ତ ଜଙ୍ଗଲର ପୁନରୁଧାର କରିପାରିଛନ୍ତି। ଏହି ସମିତିର ଉଦ୍ୟମ ଯୋଗୁଁ ଗତ ତିନି ବର୍ଷରେ ଏହି ଜଙ୍ଗଲରେ ଗୋଟିଏ ବି ବନାଗ୍ନି ଘଟଣା ଘଟି ନାହିଁ। ସେହିପରି କରଞ୍ଜିଆ ଫରେଷ୍ଟ ଡିଭିଜନର ପାହଡପୁର ବନ ସୁରକ୍ଷା ସମିତି ବୁଢିପାଟ ଜଙ୍ଗଲର ୧୫୯ ହେକ୍ଟର ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରି ଜଙ୍ଗଲର ସୁରକ୍ଷା କରିଛନ୍ତି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ, ୭।୭ (ମହାଭାରତ) :** ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ମିଳିଛି ଆଉ ଏକ ବଡ଼ ସଫଳତା। ଦୁଇ ମହିଳା କ୍ୟାଡରଙ୍କ ସମେତ ତିନି ଜଣ ହାର୍ଡକୋର ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏ ନେଇ ଆଜି ସ୍ଥାନୀୟ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ବିଜିଏନ ସଙ୍ଗଠନର ଡିଭିଜନାଲ କମିଟି ମେମ୍ବର ମାଦେ ବେତି ଓରଫ ଚମ୍ପା, କେକେବିଏନ ସଙ୍ଗଠନର ଏରିଆ। କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମୋ ମାଧବୀ ଓରଫ ମଞ୍ଜୁ। ଚମ୍ପା ୨୦୦୯ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ ହୋଇଥିଲେ। ଏମାନେ ସମସ୍ତେ ଛତିଶଗଡ଼ କ୍ୟାଡରର ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡଖଣ୍ଡ- ଛତିଶଗଡ଼ କରିଡରକୁ ପୁନଃ ସକ୍ରିୟ କରିବା ଦିଗରେ ଏମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ଏମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି। କିଛି ଦିନ ତଳେ ବାଲିଗୁଡା ଥାନା ଅଞ୍ଚଳରେ ପୁଲିସ ସହିତ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି।

# ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ବ୍ରିକ୍ସରେ ନିନ୍ଦା

ନୂଆଦିଲ୍ଲୀ,୭।୭(ପିଆଇବି): ବ୍ରାଜିଲରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଭାରତକୁ ବଡ଼ କୂଟନୈତିକ ସଫଳତା ମିଳିଛି । ବ୍ରିକ୍ସ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରାଯାଇଛି। ଏହା ସହିତ ଜାତିସଂଘ ନିରାପ□ା ପରିଷଦର ସଂସ୍କାର ଓ ସେଥିରେ ଭାରତର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବ୍ରିକ୍ସ ପକ୍ଷରୁ ସମର୍ଥନ କରାଯାଇଛି।

ବ୍ରିକ୍ସ ପକ୍ଷରୁ ଜାରି ମିଳିତ ଘୋଷାଣାନାମାର ପାରା ୩୪ରେ କୁହାଯାଇଛି, ଆମେ ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଓ କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ, କଠୋର ଭାଷାରେ ନିନ୍ଦା କରୁଛୁ ଆମେ ଆଙ୍କବାଦର ସବୁପ୍ରକାର ରୂପ ଓ ପ୍ରକାରର ମୁକାବିଲା ଲାଗି ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି । ସୀମାପାର




ଆତଙ୍କବାଦ, ଆତଙ୍କବାଦୀଙ୍କୁ ପାଣ୍ଠିଯୋଗାଣ ଓ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଇବା। ଆମେ ମଧ୍ୟ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନିଶ୍ଚିତ କରିବାକୁ ଦାବି କରୁଛୁ ଓ ଆତଙ୍କବାଦର ମୁକାବିଲା ଦିଗରେ ଦୋମୁହାଁ ନୀତିକୁ ଖାରଜ କରୁଛୁ। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଜାତିସଂଘ ଫ୍ରେମୱାର୍କ ଅଧିନରେ ଅନ୍ତର୍ଜାତୀୟ ଆତଙ୍କବାଦ ସଂପର୍କିତ ବ୍ୟାପକ ସନନ୍ଦକୁ ଶୀଘ୍ର ଚୂଡ଼ାନ୍ତ ଏବଂ କାର୍ଯ୍ୟକାରୀ କରିବା ପାଇଁ ସଂଗଠନ ଆହ୍ୱାନ କରୁଛି । ଏହା ସହିତ ଜାତିସଂଘ ଦ୍ୱାରା ଘୋଷିତ ସମସ୍ତ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ରିକ୍ସ ଆହ୍ୱାନ ଜଣାଇଛି ।ଅନ୍ୟ ପକ୍ଷରେ ବ୍ରିକ୍ସ ଜାତିସଂଘ ନିରାପ□ା ପରିଷଦର ସଂସ୍କାର ପାଇଁ ଦୃଢ ଦାବି ଜଣାଇଛି। ବ୍ରିକ୍ସ ମିଳିତ ଘୋଷଣାନାମାର ପାରା ୬ରେ କୁହାଯାଇଛି ଯେ ଜାତିସଂଘ ନିରାପ□ା ପରିଷଦର ସଂସ୍କାରକୁ ସଂଗଠନ ସମର୍ଥନ କରୁଛି, ଯେପରିକି ଏହା ଅଧିକ ଗଣତାନ୍ତ୍ରିକ, ପ୍ରତିନିଧିମୂଳକ, ପ୍ରଭାବୀ ଓ ଦକ୍ଷ ହୋଇପାରିବ ଆହୁରି ମଧ୍ୟ ଏଥିରେ ଯେପରି ବିକାଶଶୀଳ ଦେଶମାନଙ୍କ ଅଧିକ ପ୍ରତିନିଧିତ୍ୱ ରହିପାରିବ ଯେପରିକି ତାହା ବ□ମାନର ବୈଶ୍ୱିକ ଆହ୍ୱାନର ମୁକାବିଲା କରିପାରିବ ଓ ବ୍ରିକ୍ସ ଦେଶମାନଙ୍କ ସମେତ ଆଫ୍ରିକା, ଏସିଆ ଓ ଲାଟିନ ଆମେରିକାର ଦେଶମାନଙ୍କର ନ୍ୟାୟୋଚିତ ଆକାଂକ୍ଷାକୁ ପୂରଣ କରିପାରିବ। ବ୍ରିକ୍ସ ଗୁରୁତ୍ୱଆରୋପ କରିଛି ଯେ ଜାତିସଂଘ ନିରାପ□ା ପରିଷଦର ସଂସ୍କାର ବିଶ୍ୱ ଦକ୍ଷିଣର ସ୍ୱରକୁ ମଜବୁତ କରିବ। ଏହା ସହିତ ନିରାପ□ା ପରିଷଦ ସମେତ ସମଗ୍ର ଜାତିସଂଘରେ ଭାରତ ଓ ବ୍ରାଜିଲର ଅଧିକ ଭୂମିକା ନିର୍ବାହକୁ ସଂଗଠନ ସମର୍ଥନ ଜଣାଇଛି।

**ଭାରତକୁ ବଡ଼ କୂଟନୈତିକ ସଫଳତା**

# ମନମୋହନ ପୁଣି ନିର୍ବାଚିତ




**ଭୁବନେଶ୍ୱର,୭।୭(ମହାଭାରତ):** ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ଉପରେ ବିଜେପି ପୁଣିଥରେ ଆସ୍ଥାପ୍ରକଟ କରିଛି। ସେ ୪ର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜେପି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସଂଜୟ ଜୟସ୍ୱାଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସେ ଏହି ପଦବି ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦଳର ରାଜ୍ୟ ସଭାପତି ପଦ ନିର୍ବାଚନ ନିମନ୍ତେ ଶ୍ରୀ ସାମଲ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେ ସଭାପତି ହେବା ସ୍ପଷ୍ଟ ହୋଇଛି, ମାତ୍ର ଆସନ୍ତାକାଲି (ମଙ୍ଗଳବାର) ଏନେଇ ବିଧିବଦ୍ଧ ଘୋଷଣା ହେବ।

୬୬ବର୍ଷୀୟ ଶ୍ରୀ ସାମଲ ପୁଣିଥରେ ୩ବର୍ଷ ପାଇଁ ସଭାପତି ନିର୍ବାଚିତ ହେବା ସହ ରାଜ୍ୟରେ ସର୍ବାଧିକ ଅବଧିର ବିଜେପି ସଭାପତି ହେବାର ରେକର୍ଡର ଅଧିକାରୀ ମଧ୍ୟ ହୋଇଛନ୍ତି। ରାଜ୍ୟ ବିଜେପିର ସର୍ବାଧିକ ଅବଧିର ସଭାପତି ଭାବେ ବିଶ୍ୱଭୂଷଣ ହରିଚନ୍ଦନ ମୋଟ (୧୯୮୦ରୁ ୧୯୮୮ ମସିହା ପର୍ଯ୍ୟନ୍ତ) ୮ବର୍ଷ କାର୍ଯ୍ୟ କରିଥିବାବେଳେ ଶ୍ରୀ ସାମଲ ପ୍ରଥମ ଦଫାରେ କ୍ରମାଗତ ଦୁଇଥରରେ ୫ବର୍ଷ (୧୯୯୯ରୁ ୨୦୦୦ ଓ ୨୦୦୧ରୁ ୨୦୦୪ ମସିହା) , ଦ୍ୱିତୀୟ ଦଫାରେ ୨ବର୍ଷ ୩ମାସ ଓ ତୃତୀୟ ଦଫାରେ ୩ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ.କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ଲାଗି ଆଜି ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି।



# ଜୀବନଚର୍ଯ୍ୟା





## ଭେଜ ପନିୟାରମ

ସାମଗ୍ରୀ: ଇଡ଼ଲି ବ୍ୟାଟର , ଗାଜର , ଧନିଆ ପତ୍ର, କଟା ଅଦା , ରିଫାଇନ ତେଲ, କଟା ପିଆଜ , ବନ୍ଧା କୋବି ,ପୁଦିନା ପତ୍ର, କଞ୍ଚା , ଲୁଣ

ପ୍ରସ୍ତୁତି ପ୍ରଣାଳୀ: ଏହି ରେସିପି ତିଆରି କରିବା ଲାଗି ସର୍ବପ୍ରଥମେ ଏକ କାଚ ପାତ୍ରରେ ଇଡ଼ଲି ବ୍ୟାଟର ଢାଳନ୍ତୁ। ଏହାପରେ ପିଆଜ , ଗାଜର , ଧନିଆ ପତ୍ର, ପୁଦିନା ପତ୍ର, ଅଦା , ଅଟା, କଞ୍ଚାଲଙ୍କା, ବନ୍ଧା କୋବି ଓ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆପଣ ଏଥିରେ ଚାଟ ମସଲା ମଧ ପକାଇପାରିବେ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ସାରିବା ପରେ ଏହାକୁ ୧୫ ରୁ ୨୦ ମିନିଟ ଅଲଗା ରଖି ଦିଅନ୍ତୁ। ଯାହାଫଳରେ ଏହା ଭଲ ଭାବେ ଫର୍ମେଟ ହୋଇଯିବ। ବ୍ୟାଟର ଅଧିକ ମୋଟା ହୋଇଯାଇଥିଲେ ଏଥିରେ ଅଳ୍ପ ପାଣି ମିଶାଇପାରିବେ। ଏହାପରେ ପନିୟାରମ ମେକରରେ ଅଳ୍ପ ରିଫାଇନ ତେଲ ଦିଅନ୍ତୁ। ବ୍ୟାଟର ଢାଳନ୍ତୁ। ଏହି କଣ୍ଟେନରକୁ ଢାଙ୍କୁଣୀରେ ଘୋଡ଼ାଇ ମଧ୍ୟମ ଢାଞ୍ଚାରେ ଗରମ କରନ୍ତୁ। କିଛି ସମୟ ପରେ ଏହାକୁ ଲେଉଟାଇ ଅପରପାର୍ଶ୍ୱକୁ ମଧ୍ୟ ସିଝିବାକୁ ଦିଅନ୍ତୁ। ପନିୟାରମ ନ ଫୁଲିବା ଯାଏ ଏହାକୁ ସିଝିବାକୁ ଦିଅନ୍ତୁ। ଛୁରି କିମ୍ବା ଚାମଚରେ ପନିୟାରମ୍‌କୁ ପ୍ଲେଟକୁ ବ୍ୟବହାର କରି ନିଜ ପସନ୍ଦର ଚଟଣୀ ସହିତ ଖାଆନ୍ତୁ ଏବଂ ଖୁଆନ୍ତୁ।



### ଖବର

## ରହସ୍ୟ ଉପରୁ ପରଦା ହଟିଲା, ନାମ ଘୋଷଣା ସହ 'ମନ୍ତ୍ର ମୁଗ୍ଧ'ର ଶୁଭ ମହୁରତ




ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଅନୁପମ ପଟ୍ଟନାୟକ ନିଜର ଆଗାମୀ ଚଳଚ୍ଚିତ୍ର 'ମନ୍ତ୍ର ମୁଗ୍ଧ' ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏହା ସହିତ ଚଳଚ୍ଚିତ୍ରର ମହୁରତ ମଧ ଅନୁଷ୍ଠିତ ହୋଇଯାଇଛି।ସାଙ୍କେତିକ ଭାବେ 'ଏମ୍ଏମ୍' ନାମରେ ଏହି ନୂଆ ଚଳଚ୍ଚିତ୍ରଟି ବିଗତ କିଛି ସପ୍ତାହ ମଧ୍ୟରେ ବେଶ୍ ଚହଳ ଓ ଉତ୍କଣ୍ଠା ସୃଷ୍ଟି କରିଥିଲା।ଏକ ଅଭିନବ ରୋମା□କ କମେଡି ଚଳଚ୍ଚିତ୍ର ଭାବରେ 'ମନ୍ତ୍ରମୁଗ୍ଧ' ଓଡ଼ିଆ ସିନେମାର କାହାଣୀରେ ଏକ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି।ଅମିୟ ପଟ୍ଟନାୟକ ପ୍ରଡକ୍ସନ ବ୍ୟାନରରେ ବର୍ଷା ପଟ୍ଟନାୟକ ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି।ବହୁ ପ୍ରଶଂସିତ ଚଳଚ୍ଚିତ୍ର 'କର୍ମ'ର ଅଭୂତପୂର୍ବ ସଫଳତା ପରେ ଅନୁପମଙ୍କ ଏହି ନୂଆ ଚଳଚ୍ଚିତ୍ରରେ ଭରି ରହିଛି ରୋମା□, ହାସ୍ୟରସ ଏବଂ ସାମାଜିକ ବାସ୍ତବତାର ପ୍ରତିଫଳନ।୫୦ରୁ ଅଧିକ ଦିନ ଧରି ଆଧିପତ୍ୟ ବଜାୟ ରଖି ସାରା ଦେଶରେ ୮.୫ କୋଟି ଟଙ୍କା ଆୟ କରିଥିବା କର୍ମ ଚଳଚ୍ଚିତ୍ରର ଧାରାକୁ ଆଗେଇନେଇ ଅନୁପମ ପୁଣି ଥରେ ସନୋଜ କୁମାର ଓ ମନ୍ମୟ ଦେଙ୍କୁ ପ୍ରମୁଖ ଭୂମିକାରେ ନେବା ସହିତ ଉଦୀୟମାନ ନବାଗତ ସାର୍ଥକ ଭରଦ୍ୱାଜଙ୍କୁ ଏଥିରେ ସ୍ଥାନ ଦେଇଛନ୍ତି। ଚଳଚ୍ଚିତ୍ର 'ପ୍ରତୀକ୍ଷା'ରେ ଚମତ୍କାର ଅଭିନୟ କରିଥିବା ଦ୍ୱିପାନ୍ୱିତ ଦାସ ମହାପାତ୍ର ମଧ ଏଥିରେ ଅଭିନୟ କରିଛନ୍ତି । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଝିଥିଆ, ସୋମା ହୋତା ଓ ଭକ୍ତି ଦାସ ପ୍ରମୁଖ ରହିଛନ୍ତି।ଏହି ଚଳଚ୍ଚିତ୍ରର ଷ୍ଟାର କାଷ୍ଟରେ ମିଡ଼ିଆ ଜଗତର ଲୋକପ୍ରିୟ ଚେହେରା ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତ ସାମିଲ ହୋଇ ଏକ ନୂଆ ଧାରା ଯୋଡ଼ିଛନ୍ତି।'ମନ୍ତ୍ର ମୁଗ୍ଧ' ଚଳଚ୍ଚିତ୍ର ସହିତ ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଥିବା ବେଳେ କର୍ମ ଚଳଚ୍ଚିତ୍ରରେ ନିଜର ଅଭିନୟର ଯାଦୁ ଦେଖାଇଥିବା ଅଭିନେତ୍ରୀ ସୁରମୟୀ ମହାପାତ୍ର ଏକ ଦମଦାର ଭୂମିକାରେ ଆସୁଛନ୍ତି।ଚଳଚ୍ଚିତ୍ରର କାହାଣୀ ଅନୁପମ ଓ ରୋସନ୍ ବିଶୋଇ ଲେଖିଥିବା ବେଳେ ଚିତ୍ରନାଟ୍ୟ ସଜାଇଛନ୍ତି ରୋହିତ ଗେହେଲଟ ଓ ଅନୁପମ । ପ୍ରଣବ ରଥ ସଂଳାପ ରଚନା କରିଛନ୍ତି । ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନାରେ ଦାୟିତ୍ୱ ନିର୍ବାହ କରିଛନ୍ତି ନିଶାନ୍ତ ମାଝିଥିଆ।ମନ୍ତ୍ରମୁଗ୍ଧ ର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ।

## ପିମ୍ପୁଡି ଠାରୁ ରକ୍ଷା ପାଇବେ କେମିତି ?



ବର୍ଷାଦିନେ ଲୋକେ ନିଜ ଘର ଏବଂ ଅଗଣାରେ ଜନ୍ଦା ଓ ପିମ୍ପୁଡି ହେଉଥିବାରୁ ସମସ୍ୟାରେ ପଡିଥାନ୍ତି । ଘରେ ପିମ୍ପୁଡି ଅଧିକ ହେଲେ ଆପଣଙ୍କ ରୋଷେଇ ଘରେ ଥିବା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଖରାପ ହୋଇଥାଏ । ଏହି ସମ୍ୟାରୁ ରକ୍ଷା ପାଇଁ କିଛି ଘରୋଇ ଉପାୟ ରହିଛି,ଯାହାକୁ ପ୍ରୟୋଗ କଲେ ଘରକୁ ଜନ୍ଦା, ପିମ୍ପୁଡି ଆସିବେ ନାହିଁ । ଆସନ୍ତୁ ଜାଣିବା ସେଗୁଡିକ କ'ଣ ?

ଲେମ୍ବୁ : ପିମ୍ପୁଡିଙ୍କୁ ଘରୁ ବାହାର କରିବା ପାଇଁ ଘରର ଯେଉଁ ସ୍ଥାନରେ ପିମ୍ପୁଡି ହେଉଛନ୍ତି,ସେଠାରେ ଲେମ୍ବୁ ଚୋପା ରଖନ୍ତୁ । ଏପରି କରିବା ଦ୍ୱାରା ଘରେ ପିମ୍ପୁଡି ପଶିବେ ନାହିଁ ।

ତେଜପତ୍ର: ତେଜପତ୍ରର ବାସ୍ନା ପିମ୍ପୁଡିଙ୍କୁ ଭଲ ଲାଗେ ନାହିଁ । ଏହାର ବ୍ୟବହାର ଆପଣ ପିମ୍ପୁଡି ହେଉଥିବା ସ୍ଥାନରେ କରିପାରିବେ।

ଭିନେଗାର: ଘରର ଚଟାଣକୁ ପାଣିରେ ଭିନେଗାର ମିଶାଇ ପୋଛନ୍ତୁ । ଏପରି କଲେ ପିମ୍ପୁଡି ରହିବେ ନାହିଁ ।

ପୋଦିନା ପତ୍ର: ଯଦି ଆପଣଙ୍କ ଚିନି ଡବାରେ ପିମ୍ପୁଡି ହେଉଛନ୍ତି,ତେବେ ସେଥିରେ ଶୁଖିଲା ପୋଦିନା ପତ୍ର ଏବଂ ଲବଙ୍ଗ ରଖନ୍ତୁ । ଦେଖିବେ ପିମ୍ପୁଡି ହେବେ ନାହିଁ ।

ହଳଦୀ: ପିମ୍ପୁଡିଙ୍କୁ ବାହାର କରିବା ପାଇଁ ଆପଣ ହଳଦୀର ବ୍ୟବହାର ମଧ୍ୟ କରିପାରିବେ । ଯେଉଁଠି ପିମ୍ପୁଡି ହେଉଛନ୍ତି,ସେଠାରେ ହଳଦୀ ପାଉଡର ଛିଞ୍ଚି ଦିଅନ୍ତୁ ।

କଫି ପାଉଡର: ପିମ୍ପୁଡି ହେଉଥିବା ସ୍ଥାନରେ କଫି ପାଉଡର ପକାନ୍ତୁ । ପିମ୍ପୁଡି ରହିବେ ନାହିଁ ।

ସାବୁନ: ସାବୁନକୁ ଫେଣ କରି ପିମ୍ପୁଡି ହେଉଥିବା ସ୍ଥାନରେ ରଖନ୍ତୁ କିମ୍ବା ସ୍ପ୍ରେ କରନ୍ତୁ । ଘରେ ପିମ୍ପୁଡି ରହିବେ ନାହିଁ ।

ଚକ ଖଡି: ଯେଉଁଠାରେ ପିମ୍ପୁଡି ହେଉଛନ୍ତି, ଚକ ଖଡିରେ ସେଠାରେ ଏକ ଗୋଲ ତିଆରି କରନ୍ତୁ । ଦେଖିବେ ପିମ୍ପୁଡି ଗୋଲ ବାହାରକୁ ଯିବେ ନାହିଁ ।

## କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?



ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚଳନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧନୁର୍ଚ୍ଚଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ଭରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚଯର୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରିପାରିନଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧନୁର୍ଚ୍ଚଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

## ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଅଧରପଣା ଲାଗି



ସୋମବାର ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ରଥ ଉପରେ ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁଙ୍କ ଅଧରପଣା ନୀତି। ରଥ ସହିତ ଥିବା ପାର୍ଶ୍ୱ ଦେବାଦେବୀ ଓ ଚଣ୍ଡି ଚମୁଣ୍ଡାଙ୍କ ଆହାର ତୃପ୍ତି ପାଇଁ ଏହି ଅଧରପଣା ଭୋଗ ଓ ହାଣ୍ଡି ଭଙ୍ଗା ଯିବାର ପରମ୍ପରା ରହିଛି। ମଧ୍ୟାହ୍ନ ଧୂପ ପରେ ଅନୁଷ୍ଠିତ ହୋଇଥିଲା ଏହି ଅଧରପଣା ନୀତି। ଶ୍ରୀମନ୍ଦିର ପ୍ରଶାସନ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୮ ଟା ସୁଦ୍ଧା ଅଧରପଣା ନୀତି ସମ୍ପୂର୍ଣ୍ଣ ହେବାର ଥିବା ବେଳେ ନୀତି ବିଳମ୍ବ ଯୋଗୁ ରାତ୍ର ୯ଟା୧୦ରେ ଅଧରପଣା ନୀତି ସମ୍ପୂର୍ଣ୍ଣ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ଏହି ନୀତି ଅନୁଷ୍ଠିତ ହୋଇଥିବାବେଳେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।ଘୋଷଯାତ୍ରାର ଅନ୍ୟତମ ପ୍ରମୁଖ ନୀତି ହେଉଛି ଅଧରପଣା ନୀତି। ରଥାରୂ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ। ଆଜି ମଧ୍ୟାହ୍ନ ଧୂପ ଶେଷ ହେବାପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ର ମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥିଲା। ପ୍ରତି ରଥରେ ୩ହାଣ୍ଡି ହିସାବରେ ମୋଟ ୯ହାଣ୍ଡି ଅଧର ପଣା ଭୋଗ କରାଯାଇଥିଲା। ଏହି ୯ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଟୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରିଥିଲେ। ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଇଥିଲା। ତେବେ ରଥଗୁଡ଼ିକରେ ଥିବା ପାର୍ଶ୍ୱଦେବଦେବୀ, ଚଣ୍ଡିଚମୁଣ୍ଡା ତଥା ଅଶରୀରୀ ମାନଙ୍କ ଉଦ୍ଧାର ନିମନ୍ତେ ପଣା ହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଆସିଛି।ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ଆୟୋଜିତ ହେଉଥିବା ଅନେକ ପାରମ୍ପରିକ ରୀତିରେ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ଭକ୍ତିଭାବପୂର୍ଣ୍ଣ ଏକ କାର୍ଯ୍ୟକ୍ରମ ହେଉଛି 'ଅଧର ପଣା'। ଏହି ପବିତ୍ର ପାନୀୟ ଅର୍ପଣ ରୀତି, ସୁନାବେଶ ପରେ ଏବଂ ନୀଳାଦ୍ରି ବିଜେ ପୂର୍ବରୁ, ଆଷା ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀମନ୍ଦିର ସିଂହଦ୍ୱାର ସାମ୍ନାରେ ରଥ ଉପରେ ବସିଥିବା ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ନିକଟରେ ଅନୁଷ୍ଠିତ ହୁଏ, ଯେଉଁଠି ଦେବତାଙ୍କୁ ଏକ ପବିତ୍ର ମିଠା ପାନୀୟ ନୈବେଦ୍ୟ ରୂପେ ଅର୍ପଣ କରାଯାଏ।ଆଜି ସକାଳ ୦୭.୫୫ ରୁ ୦୭.୨୦ ମଧ୍ୟେ ମଙ୍ଗଳ ଆଳତି, ୦୭.୪୦ ରୁ ୦୮.୧୦ ମଇଲମ ଓ ତଡ଼ପଲାଗି, ୦୮.୧୫ ରୁ ୦୮.୪୫ ତିନି ରଥ ଅବକାଶ ଶେଷ, ୦୮.୪୫ ରୁ ୦୯.୨୫ ତିନି ରଥ ବେଶ ଶେଷ, ୦୯.୫୫ ରୁ ୧୦.୧୫ ତିନି ରଥ ଗୋପାଳବଲ୍ଲଭ, ୧୨.୧୫ ରୁ ୧.୦୫ ସକାଳ ଧୂପ, ୧.୧୦ ରୁ ୧.୩୦ରେ ତିନି ରଥ ମଇଲମ, ୧.୩୫ ରୁ ୨.୦୫ ତିନି ରଥ ମହାସ୍ନାନ ଓ ସର୍ବାଙ୍ଗ, ୨.୧୦ ରୁ ୨.୪୦ ତିନିରଥ ବେଶଶେଷ, ୦୩.୦୫ ରୁ ୦୩.୪୫ରେ ତିନିରଥ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା।ପାଣିଆ ଆପଟ ସେବାୟତଙ୍କ ଦ୍ୱାରା ଛାଉଣି ମଠ କୂଅରୁ ଗରାରେ ପାଣି ଅଣାଯାଇ ଅଧରହାଣ୍ଡିରେ ଯୋଗାଯାଇଥିଲା। ମହାସୁଆର ସେବକ ସେଥିରେ କ୍ଷୀର, ସର, ଛାଚି, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର ଏବଂ ଜାଇଫଳ ପକାଇ ପଣା ପ୍ରସ୍ତୁତ କରିଥିଲେ। ପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପୂଜା ପାଠ କରିଥିଲେ। ପୂଜାପଣ୍ଡା ସେବକଙ୍କ ଦ୍ୱାରା ପଞ୍ଚୋପଚାରରେ ମହାପ୍ରଭୁଙ୍କୁ ପଣାଭୋଗ କରାଯାଇଥିଲା। ତେବେ ଅଧରପଣା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡଓଡ଼ିଆ ମଠ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। ଅଧରପଣା ହାଣ୍ଡି ଭଙ୍ଗାଯିବା ପରେ ରଥଉପର ପରିଷ୍କାର କରାଯାଇଥିଲା। ପରେ ମହାପ୍ରଭୁ ମହାସ୍ନାନ ହୋଇଥିଲେ। ପୁଣିଥରେ ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା। ଏହା ପରେ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ, ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ଅନୁଷ୍ଠିତ ହୋଇଥିଲା। ଗରୁଡଶୟନ ନୀତି ପରେ ମହାପ୍ରଭୁଙ୍କୁ ରାତ୍ରପହୁଡ଼ କରାଯାଇଥିଲା।ଅନ୍ୟପକ୍ଷରେ ଆସନ୍ତାକାଲି ନିଳାଦ୍ରି ବିଜେୟ ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିବେ ମହାବାହୁୟ ଘଣ୍ଟ, ଘଣ୍ଟା, କାହାଳି ଓ ମୃଦଙ୍ଗର ତାଳରେ ତାଳ ମିଳାଇ ଝୁଲି ଝୁଲି ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ବାଟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମହାପ୍ରଭୁ ଶ୍ରୀଜଗନ୍ନାଥ ମାନଭଞ୍ଜନ କରାଇବେ। ରୁକ୍ମିଣୀ ବିବାହ ସମୟର ଗଇଁଠାଳ ଫିଟାଯିବ। ପରମ୍ପରା ଅନୁଯାୟୀ ବିଭିନ୍ନ ମଠ ଏବଂ ସେବକ ନିଯୋଗ ପକ୍ଷରୁ ପ୍ରଭୁଙ୍କୁ ପନ୍ତି ଭୋଗ କରାଯିବ। ଏଥି ସହ ଶେଷ ହେବ ଚଳିତ ବର୍ଷର ଘୋଷଯାତ୍ରା।

# ବୃକ୍ଷରୋପଣ ଅଭିଯାନରେ ସାମିଲ ହେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୭।୭ (ମହାଭାରତ):** ଏକବିଂଶ ଶତାବ୍ଦୀରେ କୋରାପୁଟର ଗୌରବକୁ ଫେରାଇ ଆଣିବା ପାଇଁ ହେଲେ ଆମକୁ ପ୍ରଥମେ ଏହି ଅଂଚଳକୁ ସବୁଜିମାରେ ପରିବର୍ତ୍ତନ କରାଇବା ପାଇଁ ପଡ଼ିବ। ଏଥିପାଇଁ ଅଧିକରୁ ଅଧିକ ଗଛ ଲଗାଇବା ସହ ମାଟି ମା'ର ସୁରକ୍ଷା ପାଇଁ ସଂକଳ୍ପ କରିବାକୁ ହେବ ବୋଲି ଆଜି ପବିତ୍ର 'ସୁନାବେଶ' ଅବସରରେ କୋରାପୁଟରେ "ଏକ୍ ପେଡ୍ ମା' କେ ନାମ୍ ୨.୦" ଅଭିଯାନ ଓ ବନ ମହୋତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୋରାପୁଟ ଓଏସଏପି ତୃତୀୟ ବାଟାଲିୟନ ପରିସରରେ ଛାତ୍ରଛାତ୍ରୀ, ମାତୃଶକ୍ତି, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ଅନ୍ୟ ସଦସ୍ୟମାନଙ୍କ ସହ ବୃକ୍ଷରୋପଣ କରିଥିଲେ। ସେ କହିଥିଲେ ଆଜି ହେଉଛି ମହାପ୍ରଭୁଙ୍କ ସୁନାବେଶ । ଗଛ ପ୍ରତି ଓଡ଼ିଶା ଲୋକମାନଙ୍କର ବହୁତ ଆସକ୍ତି ଅଛି କାରଣ, ଆମର ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁବ୍ରହ୍ମ। ଲୋକମୁଖରେ ସେ ଦାରୁଦେବତା ରୂପେ



ସୁପରିଚିତ। ସେ ଆହୁରି କହିଛନ୍ତି ଯେ କୋରାପୁଟ ଜିଲ୍ଲା ସହ ମୋର ଦୀର୍ଘ ୩୦ରୁ ୩୫ ବର୍ଷର ସମ୍ପର୍କ। ଏଠାରେ ବୁଲିବା ବେଳେ ମୋର ମନରେ ଆସେ, ଖାଲି ପଡ଼ିଥିବା ଜଙ୍ଗଲ ଜମିକୁ ଘଂଚ ଜଙ୍ଗଲରେ ପରିଣତ କରାଇବା ପାଇଁ ପଡ଼ିବ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ମୋ ପାଇଁ ବିକଶିତ ଓଡ଼ିଶାର ଅର୍ଥ ହେଉଛି ବିକଶିତ କୋରାପୁଟ। କୋରାପୁଟକୁ ବିକଶିତ କରିବା ପାଇଁ ହେଲେ ଏଠାରେ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ସହ ନାଗରିକଙ୍କୁ ମୌଳିକ ସୁବିଧା ଦେବା, ସ୍ଥାନୀୟ ଚାଷ ସାମଗ୍ରୀ ଓ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀକୁ ଆଗକୁ ନେବା ପାଇଁ ପଡିବ। ଶ୍ରୀ ପ୍ରଧାନ କୋରାପୁଟର ପ୍ରତ୍ୟେକ ନାଗରିକଙ୍କୁ ଅନୁରୋଧ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆମେ ସମସ୍ତେ ଘର ଠାରୁ ଆରମ୍ଭ କରି ରାସ୍ତା ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଗଛ ଲଗାଇବା।

# ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୭।୭ (ମହାଭାରତ):** ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଦିବସ ପାଳନ ହୋଇଛି। ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତବର୍ଷର ଅଖଣ୍ଡତା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନକୁ ସମର୍ପଣ କରିଥିବା ମହାନ ରାଷ୍ଟ୍ରଭକ୍ତ, ଜନନାୟକ, ଶିକ୍ଷାବିତ ତଥା ଭାରତୀୟ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ସତସଙ୍ଗ ବିହାର ସ୍ଥିତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କ ରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲି। ତାଙ୍କ ଜୀବନ ଆଦର୍ଶ ତଥା ତ୍ୟାଗ ଓ ବଳିଦାନର ଉଦାହରଣ ସର୍ବଦା ଆମର ମାର୍ଗଦର୍ଶନ କରୁଥିବ। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ସହ ବିଜେପି ଉପ ସଭାପତି ଗୋଲକ ମହାପାତ୍ର, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ବାବୁ ସିଂ ଓ ଅନେକ କାର୍ଯ୍ୟକର୍ତା ସାମିଲ ହୋଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଛନ୍ତି।

# ଶ୍ରମିକ ସଙ୍ଗଠନର ହରତାଳକୁ ସଫଳ ପାଇଁ ଆହ୍ୱାନ

**ଭୁବନେଶ୍ୱର,୭।୭ (ମହାଭାରତ):** ମୋଦୀ ଶାସନର ୧୧ବର୍ଷ ମଧ୍ୟରେ ଶ୍ରମଜୀବୀ ମାନଙ୍କର ଦୁର୍ଦ୍ଦଶା ଏହାର ଚରମ ସୋପାନରେ ପହଂଚିଛି । ବେକାରୀ, ଦୁରାବସ୍ଥା ଏବଂ ଅସମାନତା ଏବେ ଆକାଶଛୁଆଁ ହେବାରେ ଲାଗିଛି । ମଜୁରିର ପରିମାଣ କମିବାରେ ଲାଗିଛି । ଶ୍ରମିକଙ୍କର ଅଧିକାର ତଥା ସାମାଜିକ ସୁରକ୍ଷା ନଷ୍ଟ ବିନଷ୍ଟ ହେବାରେ ଲାଗିଛି ।

ଶ୍ରମିକମାନଙ୍କୁ ସପ୍ତାହକୁ ୭୦ ରୁ ୯୦ ଘଣ୍ଟା କାମ କରାଇବା ପାଇଁ କର୍ପୋରେଟ ଜଗତ ପକ୍ଷରୁ ଚିତ୍କାର କରାଯାଉଛି । ଅନ୍ୟ ପକ୍ଷରେ 'ବ୍ୟବସାୟ କରିବାକୁ ସହଜ' ହେବା ନାମରେ ଉଦ୍ୟୋଗ ଜଗତକୁ ଦେଶର ସମ୍ପତ୍ତିକୁ ଲୁଟିବା ପାଇଁ ଖୋଲା ଛୁଟ ଦେଇ ଦିଆଯାଉଛି। ମୋଦୀ ଶାସନର ତୃତୀୟ କାର୍ଯ୍ୟକାଳରେ ଏହା ଲୋକଙ୍କ ଜୀବନ ଓ ଜୀବିକା ଉପରେ ଏହାର ଆକ୍ରମଣକୁ ଆହୁରି ତୀବ୍ର କରିଛି। କଠିନ ପରିଶ୍ରମ ଓ ଅନେକ ତ୍ୟାଗ ଫଳରେ ହାସଲ କରାଯାଇଥିବା ଶ୍ରମ ଆଇନ୍ ଗୁଡିକୁ ରଦ୍ଦ କରି ତା' ସ୍ଥାନରେ ୪ଟି ଶ୍ରମକୋର୍ଡ ପ୍ରସ୍ତୁତ କରିବା ପରେ ମୋଦି ସରକାର ଏହାକୁ ଲାଗୁ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି। ଏହି ସବୁ ସମସ୍ୟାକୁ ସମାଧାନ ଲାଗି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ଆଗାମୀ ଜୁଲାଇ ୯ ତାରିଖରେ ୧୭ ଦଫା ଦାବିରେ ଦେଶବ୍ୟାପୀ ହରତାଳକୁ ସଫଳ କରିବା ପାଇଁ ସମସ୍ତ ବର୍ଗର ନାଗରିକମାନଙ୍କୁ ଅନୁରୋଧ କରିବା ସହିତ ବାମ ଓ ଗଣତାନ୍ତ୍ରିକ ରାଜନୈତିକ ଦଳମାନେ ଏହି ହରତାଳରେ ଯୋଗଦାନ କରି ଦେଶର ଶ୍ରମିକ ଓ କୃଷକମାନଙ୍କର ଅଧିକାରକୁ ବଂଚେଇ ରଖିବା ପାଇଁ ଏହି ହରତାଳରେ ସାମିଲ ହେବା ଲାଗି ଆମେ ଅନୁରୋଧ କରିଛନ୍ତି । ଆଜି ଆଇ.ଏନ୍.ଟି.ୟୁ.ସି କାର୍ଯ୍ୟାଳୟରେ ୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଶ୍ରମିକ ନେତାମାନେ ଜୁଲାଇ ୯ ତାରିଖରେ ଓଡ଼ିଶାର ପୁରପଲ୍ଲୀ ଓ ସହରରେ ହରତାଳ କରିବାକୁ ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଂଟିଆ, ଏଆଇଟିୟୁସିର ନେତା ଜୟନ୍ତ ଦାସ, ଏଚ୍ଏମ୍ଏସ୍ର ନେତା ବି.ଏନ୍. ମହାପାତ୍ର, ସିଆଇଟିୟୁର ନେତା ଦୁଷ୍ମନ୍ତ ଦାସ, ନିରଞ୍ଜନ ମହାନ୍ତି, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି କାର୍ଯ୍ୟାଳୟରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ

**ଭୁବନେଶ୍ୱର,୭।୭ (ମହାଭାରତ):** ଭାରତୀୟ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତଃ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ଦୂରଦ୍ରଷ୍ଟା ରାଜନେତା ଥିଲେ। ଦେଶର ସାମଗ୍ରିକ ବିକାଶ, ଅର୍ଥନୀତି ବିକାଶ, ସାମାଜିକ ନୀତି ଏବଂ ଦେଶର ରାଷ୍ଟ୍ରୀୟ ସୁରକ୍ଷା ନୀତି କିଭଳି ହେବ ସେନେଇ ସର୍ବଦା କାର୍ଯ୍ୟ କରୁଥିଲେ ଶ୍ରୀ ମୁର୍ଖାଜୀ। 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନହିଁ ଚଲେଙ୍ଗେ' ବୋଲି ଡ.ମୁଖାର୍ଜୀ ଦୃଢତାର ସହ ଡ.ମୁଖାର୍ଜୀ କହିଥିଲେ।

ସେ ସ୍ୱଳ୍ପ ସମୟ ଅବଧିରେ ଲମ୍ବା ସଂଘର୍ଷର ଯାତ୍ରା ଅତିକ୍ରମ କରିଥିଲେ। ଯାହାକି ଆଧୁନିକ ଭାରତବର୍ଷର ଦିଶା ଓ ଦଶା ପରିବର୍ତନରେ ସହାୟକ ହୋଇଛି। ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ଜନସଂଘ ଏବଂ ପରବର୍ତୀ ସମୟରେ ବିଜେପିର




ରାଷ୍ଟ୍ରବାଦୀ ବିଚାରଧାରାର ପ୍ରଣେତା ଥିଲେ ଡ.ମୁଖାର୍ଜୀ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର କହିଥିଲେ ଯେ, 'ତ୍ୟାଗ, ତପସ୍ୟା ଓ ବଳିଦାନ'ର ପ୍ରତୀକ ଥିଲେ ଡ.ମୁଖାର୍ଜୀ । ସେ ପଶ୍ଚିମବଙ୍ଗ ଓ ଜାମ୍ମୁକାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନ ଥିଲେ। ସମ୍ବିଧାନରେ ୩୭୦ ଧାରାକୁ ବିରୋଧ କରିଥିଲେ। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ।

ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଶ୍ରଦ୍ଧାଞ୍ଜଳୀ ଜଣାଇ କହିଥିଲେ ଯେ, ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଷ୍ଟ୍ରବାଦୀ ବିଚାର ଓ ତାଙ୍କ ଆଦର୍ଶରେ ଆଜିର ଯୁବ ବର୍ଗ ଅନୁପ୍ରାଣିତ ହେବା ନିହାତି ଆବଶ୍ୟକ। ତାଙ୍କ ବିଚାରଧାରାକୁ ଆଧାର କରି ଆଜି ବିଜେପି ଦେଶବାସୀଙ୍କ ପାଇଁ ସେବା କରୁଛି। ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ସାଂସଦ, ବିଧାୟକ, ଦଳର ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

# ଟ୍ରାଫିକ ପୋଲିସ ସାଜିଲେ ସିଦ୍ଧାନ୍ତ

**ଭୁବନେଶ୍ୱର,୭।୭ (ମହାଭାରତ):** ରାଜଧାନୀ ଭୁବନେଶ୍ୱରର ଇନଫୋସିଟି ଅଞ୍ଚଳରେ ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ହେଲମେଟ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ବିଧାୟକ ମହାପାତ୍ର ଟ୍ରାଫିକ ପୋଲିସ ବେଶରେ ନିଜେ ଉପସ୍ଥିତ ରହି ଦୁଇ ଚକିଆ ଗାଡ଼ି ଚାଳକମାନଙ୍କୁ ହେଲମେଟ ବ୍ୟବହାର କରିବା ପାଇଁ ସଚେତନ କରାଇଛନ୍ତି। ଇନଫୋସିଟି ଅଞ୍ଚଳରେ ଥିବା ମାଗ୍ନେଟିକ୍ସ ସ୍କୋୟାର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ମହାପାତ୍ର ନିଜେ ରାସ୍ତାରେ ଉପସ୍ଥିତ ରହି ଅମାନିଆ ଗାଡ଼ି ଚାଳକମାନଙ୍କୁ ଅଟକାଇ ସେମାନଙ୍କୁ ହେଲମେଟର ଗୁରୁତ୍ୱ ବୁଝାଇଥିଲେ। ସେ କହିଥିଲେ ଯେ, ହେଲମେଟ ବ୍ୟବହାର କେବଳ ନିୟମ ପାଳନ ନୁହେଁ, ବରଂ ନିଜ ଜୀବନ ସୁରକ୍ଷା ପାଇଁ ଏକ ଅତ୍ୟାବଶ୍ୟକୀୟ ପଦକ୍ଷେପ। ଏହି ଅଭିଯାନକୁ ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ସହଯୋଗରେ ଆୟୋଜନ କରାଯାଇଥିଲା। ଇନଫୋସିଟି ଥାନା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ରାସ୍ତା ସୁରକ୍ଷା ପାଇଁ ଏଭଳି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ବିଧାୟକ ସିଦ୍ଧାନ୍ତ ମହାପାତ୍ର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେଇ ଜନସାଧାରଣଙ୍କୁ ମଧ୍ୟରେ ସଚେତନ କରାନ୍ତି।

# ଜୟ ଓଡ଼ିଶା ଓ କମର୍ସ ମେରିଟ ଏକାଡେମୀ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୭।୭ (ସ୍ୱାଧିକାର ନ୍ୟୁଜ):** ଜୟ ଓଡ଼ିଶାର ରକ୍ତଦାନ ଯୋଜନାରେ ସାମିଲ ହୋଇ, କମର୍ସ ମେରିଟ ଏକାଡେମୀ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ସବୁବେଳେ କିଛି ନା କିଛି ସମାଜସେବା ମୂଳକ କାର୍ଯ୍ୟ କରିଆସୁଛନ୍ତି। ଗରିବ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଅତ୍ୟନ୍ତ ଉଚ୍ଚକୋଟୀର ଛାତ୍ରଛାତ୍ରୀମାନେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ରକ୍ତଦାନ ପ୍ରତି ସଚେତନତା ବଢ଼ାଇବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଗଣ୍ୟ। ଏହା କମର୍ସ ମେରିଟ ଏକାଡେମୀର ପ୍ରତିଷ୍ଠାତା କ୍ଷିତିଶ ମହାପାତ୍ର ଓ ଶୁଭଶ୍ରୀ ବେହେରାଙ୍କ ତତ୍ୱାବଧାନରେ ହୋଇଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଜୟ ଓଡ଼ିଶାର ସଦସ୍ୟମାନେ ଉପସ୍ଥିତ ରହି ସୂଚାରୁ ପରିଚାଳନା କରିଥିଲେ। ରକ୍ତଦାନ ଜୀବନ ଦାନ - ଏହି ମୂଳମନ୍ତ୍ରକୁ ଆମେ ଆଗକୁ ନେଇ ଚାଲିଛୁ। ଏହି ପ୍ରକାର ଉଦ୍ୟମ ଆଗାମୀ




ଜୟ ଓଡ଼ିଶାର ରକ୍ତଦାନ ଯୋଜନାରେ ନବମ ଶିବିର ଥିଲା। କମର୍ସ ମେରିଟ ଏକାଡେମୀ, ଯାହାକି ଭୁବନେଶ୍ୱରରେ କମର୍ସ କୋଚିଂ କ୍ଷେତ୍ରରେ ନିଜର ଶିକ୍ଷା ପ୍ରଦାନ କରି ପିଲାମାନଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଆସୁଛି।

ଏହି ଶିବିରରେ ପ୍ରାୟ ୧୮-୨୦ ବର୍ଷର ଦିନରେ ମଧ ଅବ୍ୟାହତ ରହିବ ବୋଲି ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି।

# ଆଇଡିବିଆଇ ଅଫିସର ସଂଘ ଅଧିବେଶନ

**ଭୁବନେଶ୍ୱର,୭।୭ (ମହାଭାରତ):** ସର୍ବ ଭାରତୀୟ ଆଇଡିବିଆଇ ଅଫିସର ସଂଘ (ଏଆଇଆଇଡିବିଆଇଓଏ) ଭୁବନେଶ୍ୱର ଜୋନ୍ ପକ୍ଷରୁ ଏକ ବୈଠକ ୟୁନିଟ-୪ ସ୍ଥିତ ହୋଟେଲ ଭି ପ୍ଲାଟିନାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏଆଇଆଇଡିବିଆଇଓଏ ସାଧାରଣ ସମ୍ପାଦକ ବିଠଲ୍ କୋଟେଶ୍ୱର ରାଓ, ଭୁବନେଶ୍ୱର ଜୋନ୍ ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରା, ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଇଡିବିଆଇ ବ୍ୟାଙ୍କର ରାଷ୍ଟ୍ରାୟତ୍ତ ଚରିତ୍ରକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେବା ଏହି ବୈଠକର ଉଦ୍ଦେଶ୍ୟ ଥିଲା। ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥାଇ ଆଇଡିବିଆଇ ବ୍ୟାଙ୍କ ସର୍ବଦା ଆର୍ଥିକ ଲାଭଦାୟକ ବ୍ୟାଙ୍କିଂ ସମେତ ସାମାଜିକ ବ୍ୟାଙ୍କିଂ ଦିଗ ଉପରେ ଗୁରୁତ୍ୱ ଦେଇଆସିଛି। ଆଇଡିବିଆଇ ବ୍ୟାଙ୍କରେ ପ୍ରଧାନମବୀ ଜନଧନ ଯୋଜନା (ପିଏମ୍ଜେଡିୱାଇ)ରେ ୧୮.୭୨ ଲକ୍ଷରୁ ଅଧିକ ଖାତା ରହିଛି। ପ୍ରଧାନମବୀ ସୁରକ୍ଷା ବୀମା ଯୋଜନା (ପିଏମ୍ଏସ୍ଜେୱାଇ)ରେ ୧୦.୮୬ ଲକ୍ଷରୁ ଅଧିକ ଖାତାଧାରକ ଅଛନ୍ତି, ଅଟଳ ପେନସନ ଯୋଜନା (ଏପିୱାଇ)ରେ ୫.୪୮ ଲକ୍ଷରୁ ଅଧିକ ଖାତାଧାରକ ରହିଛନ୍ତି। ଏଥିସହିତ ଆଇଡିବିଆଇ ବ୍ୟାଙ୍କର ୧୯୧ଟି ଆଧାର ପଞ୍ଜିକରଣ କେନ୍ଦ୍ର ଥିବାବେଳେ ସତାରା ଜିଲ୍ଲାରେ ଥିବା ଗୋଟିଏ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ (ଆଇଡିବିଆଇ-ଆରଏସ୍ଇଟିଆଇ)ରେ ୭୧୬୫ ଜଣ ତାଲିମ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୫୨୪୧ ଜଣ ଥଇଥାନ ହୋଇଛନ୍ତି। ରିଜର୍ଭ ବ୍ୟାଙ୍କ ଦ୍ୱାରା "ଘରୋଇ କ୍ଷେତ୍ର ବ୍ୟାଙ୍କ" ଭାବେ ଆଇଡିବିଆଇ ବ୍ୟାଙ୍କର ପୁନଃବର୍ଗୀକରଣ ଫଳରେ ୨୦୧୯ ଡିସେମ୍ବରରୁ ଆଇଡିବିଆଇ ବ୍ୟାଙ୍କର ମେଟ୍ରୋ ଏବଂ ସହରାଞ୍ଚଳ ଶାଖାଗୁଡିକ କୃଷକମାନଙ୍କୁ ରିହାତି ସୁଧରେ ପ୍ରଦାନ କରାଯାଉଥିବା କେସିସି ଋଣକୁ ବନ୍ଦ ରଖିଛନ୍ତି।

# ଜଳ-ଜଙ୍ଗଲ-ଜମି ହକ ଲଢ଼େଇ ପାଇଁ ଓଡ଼ିଶାବାସୀ ପ୍ରସ୍ତୁତ ରୁହନ୍ତୁ

**ଭୁବନେଶ୍ୱର,୭।୭ (ମହାଭାରତ):** ଏ ଦେଶରେ ଜଳ-ଜଙ୍ଗଲ-ଜମି ପାଇଁ ବ୍ରିଟିଶ ବିରୁଦ୍ଧରେ ଲଢ଼ି ହଜାର ହଜାର ଆଦିବାସୀ ଶହୀଦ ହୋଇଛନ୍ତି। ସ୍ୱାଧୀନ ଭାରତରେ ପୁଣି ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମିକୁ ଲୁଟ କରୁଥିବା ଲୁଟେରା ପୁଞ୍ଜିପତି ଓ ବିଜେପିର ମିଳିତ ଶକ୍ତି ବିରୁଦ୍ଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଆଦିବାସୀ ମାନେ ପ୍ରସ୍ତୁତହେବା ଦରକାର ବୋଲି ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇ ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରାନ୍ତ ଭୂରିଆ ଆହ୍ୱାନ ଦେଇଛନ୍ତି।

ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶରେ ଶିଳ୍ପାୟନରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀ




ମାନେ ଏକ ହୋଇ ବିସ୍ଥାପନ ବିରୁଦ୍ଧରେ ଲଢ଼େଇ କରିବାକୁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଜନତାଙ୍କୁ ମନ୍ତ୍ର ଦେଇଥିଲେ।

ଆଗାମୀ ଦିନରେ କଂଗ୍ରେସକୁ ଶକ୍ତଶାଳି କରି ଗଢ଼ି ତୋଳିବା ପାଇଁ ଆଦିବାସୀ କଂଗ୍ରେସ ତରଫରୁ ବିସ୍ଥାପନ ବିରୁଦ୍ଧରେ ଲଢ଼େଇ, ଉଚ୍ଚ ବୈଷୟିକ ଶିକ୍ଷାରେ ଆଦିବାସୀଙ୍କୁ ଆନୁପାତିକ ସଂରକ୍ଷଣ, ଆଦିବାସୀ କ୍ୟାଲେଣ୍ଡର ପ୍ରସ୍ତୁତ ଓ ଆଦିବାସୀ ମହାମନିଷୀ ମାନଙ୍କର ସ୍ମୃତିରକ୍ଷା, ନୂତନ ନେତୃତ୍ୱସୃଷ୍ଟି, ଜଙ୍ଗଲ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାପାଇଁ ନିଷ୍ପତ୍ତି କରାଗଲା। ଆଦିବାସୀ ହକ ପାଇଁ ବିଧାନସଭା ଭିତରେ ଓ ବାହାରେ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ ମତବ୍ୟକ୍ତ କରିଥିଲେ।

ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀହଳଧର କାର୍ଜି,ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ସଂକୁନ୍ତଳା ଲାଗୁରୀ, ହେମା ଗମାଙ୍ଗ, ଜୟରାମ ପାଙ୍ଗୀ, ନକୁଳ ନାୟକ, ବିଧାୟକ ଦାଶରଥି ଗମାଙ୍ଗ, ରାଜ୍ୟ ଅନୁସୂଚିତ ଜାତି ଅଧ୍ୟକ୍ଷ ମାନସ ମଲ୍ଲିକ, ଆଦିବାସୀ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜିକା ହାରାବତୀ ଗଣ୍ଡ, ପଛୁଆ ବର୍ଗ ରାଷ୍ଟ୍ରୀୟ ସଂଯୋଜକ ରାଜକିଶୋର ବାରିକ, ପୂର୍ବତନ ବିଧାୟକସୁବର୍ଣ୍ଣ ନାୟକ, ଜନାର୍ଦ୍ଦନ ଦେହୁରୀ, ଜାକବ ପ୍ରଧାନ, ଲକ୍ଷ୍ମଣମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ପୂର୍ବତନ ପୋଲିସ ପ୍ରଶାସକ ଶ୍ୟାମସୁନ୍ଦର ହାଂସଦା, ଲକ୍ଷ୍ମୀଧର ସିଂ, ଅନିମା ମି, ମୋହନ ହେମ୍ବ୍ରମ, ପ୍ରତିଭାମରି ନାୟକ, ମୟୁରଭଞ୍ଜ ପଶ୍ଚିମ ଜିଲ୍ଲାସଭାପତିଭୂବନ ବିହାରୀସାହୁ, ଜବାମଣିଟୁଡୁ, ଅମିତା ବିଶ୍ୱାଳ, ସ୍ୱର୍ଣ୍ଣଲତା ବାନରା, ଗେରୋଟି ଖେସ, ପ୍ରମୋଦ ହେମ୍ବ୍ରମ, କ୍ଷୀରୋଦ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବାଲେଶ୍ୱର କେବେ ହେବ ମହାନଗର ନିଗମ

**ଭୁବନେଶ୍ୱର,୭।୭ (ମହାଭାରତ):** ଓଡିଶା ସରକାର ପୁରୀ ସହରକୁ ମହାନଗର ନିଗମ କରିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାର ପୂର୍ବରୁ ଉପକୂଳ ଓଡିଶାର ଭୁବନେଶ୍ୱର, କଟକ ଓ ପଶ୍ଚିମ ଓଡିଶାର ସମ୍ବଲପୁର ଓ ରାଉରକେଲା ସମେତ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ସହରକୁ ମହାନଗର ନିଗମର ମାନ୍ୟତା ଦେଇଛନ୍ତି । ହେଲେ ଉତ୍ତର ଓଡିଶାର ପ୍ରମୁଖ ସାଂସ୍କୃତିକ ତଥା ବାଣିଜ୍ୟକ କେନ୍ଦ୍ର ଭାବେ ପରିଚିତ ବାଲେଶ୍ୱର ସହର ପ୍ରତି ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ବୈମାତୃକ ମନୋଭାବ କଣ ପାଇଁ ବୋଲି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଏହା ପୂର୍ବରୁ ବାଲେଶ୍ୱରକୁ ମହାନଗର ନିଗମ ଭାବେ ଘୋଷଣା ପାଇଁ ନବୀନ ପଟ୍ଟନାୟକ ସରକାର ଅମଳରେ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ବିଜେଡି ସରକାର ଏଥିପ୍ରତି ଅବହେଳା କରିଥିଲା କ୍ଷ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାଲେଶ୍ୱରକୁ ମହାନଗର ନିଗମ ଭାବେ ଘୋଷଣା କରିବା ପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ ଓ ପୁରୀକୁ ମହାନଗର ନିଗମ ଘୋଷଣା କରି ଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି, କିନ୍ତୁ ବାଲେଶ୍ୱର ପ୍ରତି ଅବହେଳା ନ କରିବା ପାଇଁ ମୁଖ୍ୟମନ୍ତ୍ରୀ



ମୋହନ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କ୍ଷ ପୁରୀ ଦଳାଚକକଟା ଘଟଣାରେ ରାଜ୍ୟ ସରକାର ନିଜର ଅପରାଗତକୁ ଲୁଚେଇବାକୁ ଯାଇ ଏଭଳି ତରବରିଆ ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଆଜି ମତବ୍ୟକ୍ତ କରିଛନ୍ତି । ରାଜ୍ୟର ଷଷ୍ଠ ମହାନଗର ନିଗମ ହେବ ପୁରୀ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷ ସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୁରୀ ସହର ଏବଂ ଆଖପାଖ ଗ୍ରାମପଂଚାୟତଗୁଡ଼ିକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହାଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ୭ରୁ ୮ଗୋଟି ଗ୍ରାମପଂଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଂଚାୟତବାସୀ ସହର ପରି ସୁବିଧା ପାଇ ପାରିବେ।

# ଆତଙ୍କବାଦ ଦମନ

କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ ଏବଂ ଆତଙ୍କବାଦ ଦମନ ଲାଗି କ୍ରମାଗତ ପ୍ରୟାସ ଯୋଗୁ ଉପତ୍ୟକାରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ମାତ୍ରାରେ କମିଛି । ନିକଟରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିପୁଳ ମତଦାନ ପ୍ରମାଣ କରୁଛି ଯେ, କାଶ୍ମୀରବାସୀ ଦେଶର ମୁଖ୍ୟସ୍ରୋତରେ ଅଛନ୍ତି । ଦେଶର ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି । କାଶ୍ମୀରରେ ସୁରକ୍ଷା ବାହିନୀ ଉପରକୁ ଟେକା ପଥର ମାଡ଼ ଏବେ ଇତିହାସ । ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁ । ଏଥିରେ ବିଚଳିତ ହୋଇ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଗତ ୬ ମରସ ଭିତରେ ଘଟିଥିବା ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ସାଧାରଣ ଲୋକ ଏବଂ ଜଣେ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି । ଏହା ମଧ୍ୟରେ ରହିଛି ପହଲଗାମ ଆତଙ୍କୀ ହମଲା । ଏହା ପରେ ଗୃହମନ୍ତ୍ରୀ ଅମିତ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି । କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତିକୁ ସେ ଦୋହରାଇଛନ୍ତି । ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆତଙ୍କବାଦୀଙ୍କୁ ଉପଯୁକ୍ତ ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଧିକାଂଶ ହେଉଛନ୍ତି ଅନୁପ୍ରବେଶକାରୀ ବିଦେଶୀ ନାଗରିକ । ତେଣୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ଦମନ ଲାଗି ପ୍ରଥମେ ଅନୁପ୍ରବେଶକୁ ରୋକାଯିବା ଜରୁରୀ । ଏଥିଲାଗି ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ । ସେହିପରି ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି । ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି । ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ସୁଫଳ ଏବେ ମିଳୁଛି । ଏହା ରାତାରାତି ସମ୍ଭବ ନୁହେଁ । ଏଥିନିମନ୍ତେ ସମୟ ଆବଶ୍ୟକ । ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ । ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କକ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ । ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି । କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି । ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ । ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ । ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ । ଅତୀତରେ କାଶ୍ମୀର ଉପତ୍ୟକାରେ ସୁରକ୍ଷା ବାହିନୀକୁ ଏଭଳି ସହଯୋଗ ମିଳୁନଥିଲା । ସାଧାରଣ ଜନତା ସ୍ୱଇଚ୍ଛାରେ ହେଉ ବା ବାଧ୍ୟବାଧକତାରେ ହେଉ ଆତଙ୍କବାଦୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । ଏବେ ସେ ପରିସ୍ଥିତିରେ ପରିବର୍ତ୍ତନ ଆସିଛି ।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଚର

॥ ସୌମେନ୍ଦ୍ର ଜେନା ॥

“ ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ୍ୟ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ୍ୟ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ଥ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ । ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ । ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ । ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ) । କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି ।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ । ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୁନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ । ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ । ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ । ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର । ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର । ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି । ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି । ଓଡ଼ିଶାରେ ମଧ ସମାନ ଅବସ୍ଥା । ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ । ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି । ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି । ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି । ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି । ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା । ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି । ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ । ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି । ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି । ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧରେ ଖର୍ଚ୍ଚ ହୁଏ । ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ । ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ । ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ । ଏଥିପାଇଁ ସେମାନଙ୍କୁ ଏମ୍ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ । ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ । ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ । ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି । ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି । ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ । ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ । କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି ।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ । ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା । ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି । ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲ॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୁନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ । ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ ।

ପ୍ରେମ ହିଁ ଈଶ୍ୱର । ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ । ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି । ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ । ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି । ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି । ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ । ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ । ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି । ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ । ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି । ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ । ପ୍ରେମ ବିନା କେହି ରହିପାରିବେ ନାହିଁ । ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି । ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ । ସେ ବାଛୁରୀକୁ ସଫାକରି ଦିଏ । ନିର୍ମଳତା ହିଁ ଦିବ୍ୟତ୍ୱ । ନିର୍ମଳତା ବିକଶିତ ହେବା ଉଚିତ । ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ । କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି । ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ । ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ । ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ । ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର ।' ସତ କହିବା ସହଜ । ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ । ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ । ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର । ପ୍ରେମର ବିକାଶ କର । ପ୍ରେମ ହିଁ ଈଶ୍ୱର । ପ୍ରେମରେ ବାସକର ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର



କଳାହାଣ୍ଡି/ଭବାନୀପାଟଣା, (ମହାଭାରତ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୬୪ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୪୯ ଗୋଟି ଓ ସାମୂହିକ ୧୪ ଗୋଟି ରହିଥିବା ବେଳେ ୨୯ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ,ଭତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, (ପ୍ରବେଶନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଂଘ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା,ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ସୁନା ବେଶରେ ଝଟକିଲେ ଚତୁର୍ଦ୍ଧା ମୂର୍ତ୍ତୀ



ବାଲିପାଟଣା, (ମହାଭାରତ): ରବିବାର ଏକାଦଶୀ ତିଥିରେ ମହାପ୍ରଭୁଙ୍କ ସୁନାବେଶ ଅବସରରେ ମହୁଖଣ୍ଡା ଠାରେ ୯୨ କିଲୋ ଅଳଙ୍କାରରେ ସଜେଇ ହୋଇଛନ୍ତି ତିନି ଠାକୁର । ଝଲ୍ ଝଲ ଝଟକୁଛି ମହାପ୍ରଭୁ ଙ୍କର ଅପୂର୍ବ ଦୃଶ୍ୟ ।ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଚଳିତବର୍ଷ ପ୍ରତିଷ୍ଠା ହୋଇଥିବା ଶ୍ରୀ ଜଗନ୍ନାଥ ଙ୍କ ମନ୍ଦିର ସମ୍ମୁଖରେ ଅପୂର୍ବ ରୂପରେ ବିରାଜମାନ କରିଛନ୍ତି ବିରାଟ ରଥ ଉପରେ ତିନି ଠାକୁର । ବାଲିପାଟଣା ପୋଲିସ୍ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂଜକ ପ୍ରମୋଦ ପାଢ଼ୀ ଓ କର୍ତା ଅକ୍ଷୟ ବିକ୍ରମ ଖଟୁଆ ଙ୍କ ସହିତ ତାପସ ଜେନା,ଚନ୍ଦ୍ରକାନ୍ତ ଖଟୁଆ,କପିଳେନ୍ଦ୍ର ଜେନା, ତ୍ରିଲୋଚନ ତ୍ରିପାଠୀ, ଅଗାଧୁ ମୁଖି, ବିପିନ ମୁଖୀ,ମାଧବ ଜେନା ଓ ଗ୍ରାମର ଉତ୍ସାହୀ ଯୁବକ ମାନେ ଠାକୁରଙ୍କ ନିତିକାନ୍ତି କୁ ଶୃଙ୍ଖଳିତ ଭାବେ ନିର୍ବହଣ କରିଛନ୍ତି । ସେହିପରି ବାଲିପାଟଣା,ନୂଆସାହି ପ୍ରଭୃତି ସ୍ଥାନରେ ସୁନାବେଶ ଦେଖିବାକୁ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ ।

## ଦୁର୍ଘଟଣାରେ ଅଙ୍ଗନୱାଡି କର୍ମୀ ମୃତ




ସୋର, (ମହାଭାରତ): ବସ ଧକ୍କାରେ ଅଙ୍ଗନବାଡି ମହିଳା ମୃତ । ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନମ୍ବର ଜାତୀୟ ରାଜପଥ ପଣପଣା ନିକଟରେ ଆଜି ସନ୍ଧ୍ୟାରେ ଜଣେ ଅଙ୍ଗନୱାଡି କର୍ମିଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ରାଜପଥରେ ଯାନବାହାନ ଦୁଇ ଘ[ା ଚଳାଚଳ ଠପ ହୋଇଯାଇଥିଲା । ସେ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଘିରାପଦା ଗାଁର ଅଙ୍ଗନବାଡି କର୍ମୀ କୁନ୍ତଳା ପ୍ରଧାନ । ତାଙ୍କର ଆଜି ନୀଳଗିରି ଠାରେ ନିର୍ବାଚନ ପାଇଁ ମିଟିଙ୍ଗ ଥିଲା । ସେଠାରୁ କାର୍ଯ୍ୟସାରି ଏକ ହିରୋ ହୋଣ୍ଡା ମଟର ସାଇକେଲ ଯୋଗେ ଘରକୁ ଫେରୁଥିଲେ । ପଣପଣା ବଜାର ନିକଟରେ ମଟର ସାଇକେଲ ପଛପଟୁ ଧର ନାମକ ବସ ଧକା ଦେବା ଫଳରେ ମହିଳା ଜଣକ ତଳେ ପଡି ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ବାଇକ ଆରୋହୀ ଶିକ୍ଷକ ଅର୍ଜୁନ ପାତ୍ର ସାମନ୍ୟ ଆହତ ହୋଇଥିଲେ । ଘଟଣା ସ୍ଥଳରୁ ବସ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିଲା । ଘଟଣା ସ୍ଥଳରେ ଜାତୀୟ ରାଜପଥ ପୋଲିସ ଓ ଖନ୍ତାପଡ଼ା ପୋଲିସ ଘଟଣା ସ୍ଥଳରେ ପଂହଛି ତଦନ୍ତ ଜାରି ରଖିଛି । ଖବର ଲେଖା ହେବା ବେଳକୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ଅବରୋଧ ରଖିବା ସହିତ ମୃତକ ପରିବାରକୁ କ୍ଷତି ପୂରଣ ଦାବୀରେ ଓଭୟ ପାର୍ଶ୍ୱ ଜାତୀୟ ରାଜପଥ ଅବରୋଧ କରିଥିଲେ ।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ସପ୍ତାହ ପାଳନ ସହ ବୃକ୍ଷରୋପଣ



ଗୋଲାମୁଣ୍ଡା, (ମହାଭାରତ): ସରକାରଙ୍କ ପକ୍ଷରୁ ମାଁ ପାଇଁ ଗଛଟିଏ ଉଦେଶ୍ୟ ରେ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଥିବା ବେଳେ ଗୋଲାମୁଣ୍ଡା ଥାନା, ପ୍ରାଣୀ ଚିକିତ୍ସାଳୟ ଓ ନୋଡାଲ ହାଇସ୍କୁଲ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶି, ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଇଓ ରାଜେଶ ନାୟକ, ବନପାଲ ରମେଶ ବାଗ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଏବଂ ବନ ବିଭାଗ କର୍ମଚାରୀ, ସମସ୍ତ ସ୍କୁଲ ଶିକ୍ଷକ ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତି ରେ ବୃକ୍ଷ ରୋପଣ କରାଯାଇଥିବା ବେଳେ ଥାନା ପରିସରରେ ଆଇଆଇସି ଜ୍ୟୋତି ପ୍ରକାଶ ତାଣ୍ଡି, ଏସଆଇ ରାଜେଶ କୁମାର ପରିଡ଼ା, ସମାଜସେବୀ ପ୍ରସନ୍ନ କୁମାର ରାଉତ, ବନପାଲ ରମେଶ ବାଗ, ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ ବ୍ଲକ ଭେଟନାରୀ ଅଫିସର ଡକ୍ଟର ଜିତେନ୍ଦ୍ର ନାରାୟଣ ମହାରଣା, ଭିଏ ଏସ ଡ଼.ନେତ୍ର ପ୍ରକାଶ ଭାରତୀ, ମାନସ ରଞ୍ଜନ ତାଣ୍ଡି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବୃଷଭ ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବୃକ୍ଷର ଆବଶ୍ୟକତା ତଥା ଜଳବାୟୁ ପରିବର୍ତ୍ତନ,ମୃତିକା ସଂରକ୍ଷଣ, ପ୍ରାକୃତିକ ଦୁର୍ବିପାକ, ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଉପରେ ଆଲୋଚନା କରାଯାଇଥିଲା ।

## ଅଲ ଓଡିଶା ସିଡୁଲ କାଷ୍ଟ ଫେଡେରେସନ କର୍ମକର୍ତା ବୈଠକ

କଳାହାଣ୍ଡି, (ମହାଭାରତ): କଳାହାଣ୍ଡି ଏସ୍ ସି ସମାଜର କର୍ମକର୍ତା ମାନଙ୍କ ବୈଠକ, । ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ଆହ୍ୱାନ କ୍ରମେ କଳାହାଣ୍ଡି ଜିଲ୍ଲାର ୧୩ ଟି ବ୍ଲକ ଗୋଟିଏ ମୁନିସିପାଲିଟି ତିନୋଟି ଏନ୍ ଏ ସି ର ଏସ୍ ସି ସମାଜର କର୍ମକର୍ତା ତଥା କିଛି ବୁଦ୍ଧିଜିବୀ ମାନଙ୍କୁ ନେଇ ଆମ୍ବେଦକର ଭବନ ଭବାନୀପାଟଣା ଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଉପସ୍ଥିତ ସମସ୍ତ ବୁଦ୍ଧିଜିବୀ ବହୁଜନ ମହାପୁରୁଷ ମାନଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି ଯୋଗେଶ୍ୱର ସାଗର ତ୍ରିସରଣ ପଂଶିଳ ଗାନ କରିଥିଲେ । ତାପରେ ଆଲୋଚନା ଚକ୍ର ଆରମ୍ଭ କରଯାଇଥିଲା । ସମାଜର ସାମ୍ବିଧାନିକ ହକ୍ ଅଧିକାର ବଂଚାଇବାକୁ ହେଲେ ସଙ୍ଗଠିତ ସମାଜ ତିଆରି କରିବାକୁ ପଡିବ ବୋଲି ସମସ୍ତେ ମତଦେଲେ । ସମସ୍ତେ ସପଥ ନେଲେ କଳାହାଣ୍ଡି ଜିଲ୍ଲାର ଗାଁ ଗାଁ ରେ ବହୁଜନ ବିଚାର କୁ ପହଂଚିବା ସହ ପଂଚାୟତ କମିଟି ବ୍ଲକ କମିଟି ଜିଲ୍ଲା କମିଟି କୁ ସୁଦୃଢ଼ କରିବା ଏବଂ କଳାହାଣ୍ଡି ଜିଲ୍ଲାର ସବୁ ଏସ୍ ସି ସମାଜ ଏକ ହୋଇ ସାମ୍ବିଧାନିକ ହକ୍ ଅଧିକାର ପାଇଁ ଲଢିବା, ଏବଂ ଆସନ୍ତା ଅଗଷ୍ଟ ୩୦ ପ୍ରତିଷ୍ଠା ଦିବସ ଅବସରରେ ତିରିଶ ହଜାରରୁ ଉର୍ଦ୍ଧ୍ୱ ଜନ ସମାଗମ କରିବା । ଉପସ୍ଥିତି ଥିଲେ ସଂଗଠନ ର ମହାସଚିବ ଶତ୍ରୁଘ୍ନ ନାଏକ, କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ସାମାଜିକ ମୁଖ୍ୟ ଧବଳେଶ୍ୱର ନାଗ, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ଆଇନଜିବି ଦିଗମ୍ବର ଦୁରିଆ, ନର୍ଲା ସଭାପତି ରଘୁନାଥ ଦୀପ୍, ଏମ୍ ରାମପୁର ସଭାପତି ବୃନ୍ଦାବନ ନାଗ, କଲମପୁର ବ୍ଲକ ସଭାପତି ବଳରାମ ଦୁର୍ଗା, ଶଙ୍କର କର, ଅଗଷ୍ଟ ନାଏକ, ଏହି ଭଳି ଅନେକ କର୍ମକର୍ତା ।

## କନ୍ଧମାଳରେ ୩ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ




କନ୍ଧମାଳ, (ମହାଭାରତ): ଭୁଶୁଡୁଛି ଲାଲ୍ ଗଡ଼ । କନ୍ଧମାଳରେ ୩ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ । କିଛି ଦିନ ତଳେ ବାଲିଗୁଡା ପୁସିଙ୍ଗିଆ ଫରେଷ୍ଟ ରିଜର୍ଭ ଜଙ୍ଗଲରେ ପୋଲିସ ଗୁଳିରେ ଦୁଇ ମାଓବାଦୀ ନିହତ ହୋଇଥିଲେ । ଆଜି ୩ ହାର୍ଡକୋର ମାଓବାଦୀ କନ୍ଧମାଳ ପୋଲିସ୍ ଆଗରେ ଆତ୍ମସମର୍ପଣ କରିଛନ୍ତି । ସୂଚନା ଦେଇଛନ୍ତି ଦକ୍ଷିଣାଂଚଳ ଆଇଜି ନିତି ଶେଖର । ୩ ମାଓବାଦୀଙ୍କ ମଧ୍ୟରେ ଦୁଇ ଜଣ ମହିଳା ଅଛନ୍ତି । ଏମାନଙ୍କ ନାଁ ମଞ୍ଜୁ ଓ ଚମ୍ପା । ଆତ୍ମସମର୍ପଣ ପୁରୁଷ ମାଓବାଦୀ ଅଜୟ ଛତିଶଗଡ଼ ସୁକୁମା ଅଂଚଳର । ଆତ୍ମସମର୍ପଣ କରିଥିବା ମାଓବାଦୀ ୨୦୦୯ରେ ମାଓ ସଙ୍ଗଠନରେ ଯୋଗ ଦେଇଥିଲେ । ବିଭିନ୍ନ ହିଂସାକାଣ୍ଡରେ ଏମାନେ ସଂପୃକ୍ତ ଥିଲେ । ଆତ୍ମସମର୍ପଣ କରିବା ପରେ ବହୁତ ଖୁସି ଥିବା କହିଛନ୍ତି ୩ ମାଓବାଦୀ । ହିସାଂ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀମାନଙ୍କୁ ଅପିଲ କରିଛନ୍ତି ଦକ୍ଷିଣାଚଳ ଆଇଜି ।

## ଏକ ଦିନିଆ ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଦେବଗଡ, (ମହାଭାରତ): ସୋମବାର ଦିନ ନିର୍ବାଚନ ପ୍ରକ୍ରିୟାରେ ବୁଥ୍ ସ୍ତରର ଶକ୍ତିଶାଳୀ ସଂଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ନିର୍ବାଚନ କମିଶନ ଭାରତ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ନିର୍ଦ୍ଦେଶାନୁସାରେ ବାରକୋଟ ବ୍ଲକରେ ବିଏଲଓ ମାନଙ୍କ ପାଇଁ ଏକଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମ ରେ ଉପ ଜିଲ୍ଲାପାଳ ପରକ୍ଷିତ ସାହୁ ଉପସ୍ଥିତ ରହି ବିଏଲଓ ମାନଙ୍କ ଭୂମିକା, ସତର୍କତା ଓ ତାଲିକା ଶୁଦ୍ଧିକରଣ ପ୍ରକ୍ରିୟାରେ ତାଙ୍କର ଦକ୍ଷତା ବୃଦ୍ଧି ପ୍ରତି ଗୁରୁତ୍ୱ ଦେଇଥିଲେ । ସେ ଭବିଷ୍ୟତର ନିର୍ବାଚନକୁ ସଫଳ କରିବାରେ ବିଏଲଓ ମାନଙ୍କ ନିଷ୍ଠାକୁ ମୂଳ ଉପାଦାନ ଭାବେ ବ୍ୟାଖ୍ୟା କରିଥିଲେ । ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସିଦ୍ଧେଶ୍ୱର ନାୟକ, ଡିପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବାରିହା, ସୌମିତ୍ରି ପ୍ରଶାଦ ଦେହୁରୀ ସିଆରସିସି ଫାଗୁ ପାତ୍ର, ଅଜୟ କୁମାର ବେହେରା ଓ ଡମ୍ବରୁଧର ସାହୁ ବିଏଲଓ ଙ୍କୁ ତାଙ୍କ ଦୈନିକ କାର୍ଯ୍ୟ, ଫର୍ମ ୬, ୬ଇ, ୭, ୮ ର ସଠିକ ବ୍ୟବହାର, ମାନ୍ୟତା ନିୟମ, ତ୍ରୁଟି ସଂଶୋଧନ ଓ ମାନବ ଅଧିକାର ସମ୍ବନ୍ଧିତ ମାମଲାରେ ସଚେତନ କଲେ । ସେହିପରି ନିଜ କାର୍ଯ୍ୟକୁ ଆଧୁନିକ ଟେକ୍ନୋଲୋଜି ସହିତ ସମନ୍ୱୟ କରିବାପାଇଁ ବିଏଲୋ ଆପ ଓ ଭିଏଚଏ ଆପ ବ୍ୟବହାର ପ୍ରକ୍ରିୟା ବିଷୟରେ ଶିକ୍ଷା ଦିଆଯାଇଥିଲା । ମୋଟ ୩୯ ଜଣ ବିଏଲଓ ଏହି ପ୍ରଶିକ୍ଷଣରେ ଉପସ୍ଥିତ ଥିଲେ । ଏହି ପ୍ରକାରର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଏଲଓ ମାନଙ୍କୁ କେବଳ ତଥ୍ୟ ନୁହେଁ, ବିଶ୍ୱାସ, ଦକ୍ଷତା ଓ ସେବା ମନୋଭାବ ଦେଇ ତାଲିକା ପ୍ରକ୍ରିୟାର ସଠିକତା ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି ଅଧିକାରୀ ମାନେ ଅଭିମତ ରଖିଛନ୍ତି ।

## ଘର ସମ୍ମୁଖରେ ମୃତଦେହ !

ବ୍ରହ୍ମପୁର, (ମହାଭାରତ): ଘର ସମ୍ମୁଖରେ ପିଟି ପିଟି ହତ୍ୟା । ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ସିଙ୍ଗବାଡି ଗାଁର ଦିଲ୍ଲୀପ ପାତ୍ରଙ୍କୁ ହତ୍ୟା । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କରି ଦୁବତମାନେ ଦିଲ୍ଲୀପଙ୍କୁ ନିଜ ଘର ଆଗରେ ପିଟି ପିଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଗତକାଲି ବିଳମ୍ବିତ ରାତିରେ ଦିଲ୍ଲୀପଙ୍କୁ ହତ୍ୟା କରିବା ପରେ ଘଟଣା ସ୍ଥଳରୁ ହତ୍ୟାକାରୀମାନେ ଫେରାର ହୋଇଯାଇଛନ୍ତି । ତେବେ ବର୍ତମାନ ପର୍ଯ୍ୟନ୍ତ ଦିଲ୍ଲୀପଙ୍କୁ କିଏ ଓ କଣ ପାଇଁ ହତ୍ୟା କରିଛି ସଠିକ ଜଣାପଡ଼ିନାହିଁ । ତାଙ୍କର କାହାସହ ଶତ୍ରୁତା ନଥିବା ତାଙ୍କ ଭାଇ କହୁଥିବା ବେଳେ ଏନେଇ ତଦନ୍ତ ଚଳାଇଛି ଗୋଳନ୍ଥରା ଥାନା ପୋଲିସ ।

## ରାହୁଲ ଗାନ୍ଧୀଙ୍କ ଗସ୍ତ ଲାଗି ରାଇରଙ୍ଗପୁର କଂଗ୍ରେସର ପ୍ରସ୍ତୁତି



ରାଇରଙ୍ଗପୁର, (ମହାଭାରତ): ଆସନ୍ତା ଜୁଲାଇ ୨୧ ତାରରିଖ ଦିନ ଜାତୀୟ କଂଗ୍ରେସ ଦଳର ସଭାପତି ମାଲିକାର୍ଜୁନ ଖାଡ଼ଗେ ଓ ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଗସ୍ତକୁ ସଫଳ କରିବା ପାଇଁ ରାଇରଙ୍ଗପରସ୍ଥ ପିସିଏମ କଲ୍ୟାଣ ଭବନ ପରିସରରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ତରଫରୁ ଏକ ପ୍ରସ୍ତୁତି ବୈଠକ ପଶ୍ଚିମ ମୟୂରଭଂଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ସାହୁଙ୍କ ସଭାପତିତ୍ୱରେ ଆଜି ସୋମବାର ଦିନ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ପ୍ରାକ୍ତନ ରାଇରଙ୍ଗପୁର କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ ରାଇରଙ୍ଗପୁର କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦାଃ,ପ୍ରାକ୍ତନ ବିଧାୟକ ପ୍ରହଲ୍ଲାଦ ପୂର୍ତି,ରାଇରଙ୍ଗପୁର ନଗର କଂଗ୍ରେସ ସଭାପତି ଅଶୋକ ଅଗ୍ରୱାଲ, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପଟନାୟକ,ରୁପକ ମହାନ୍ତି,ଯାମଦା ବ୍ଲକ ପ୍ରାକ୍ତନ ଅଧକ୍ଷା ହେଲେନାଵାଗେ ପ୍ରମୁଖ ଯୋଗଦେଇ ଆଗାମୀ ୧୧ ତାରିଖ ଦିନ କଂଗ୍ରେସ ସମାବେଶରେ ରାଇରଙ୍ଗପୁର ସାଂଗଠନିକ ନିର୍ବାଚନ ମଣ୍ଡଳୀ ରୁ କିପରି ଅଧିକରୁ ଅଧିକ କଂଗ୍ରେସ କର୍ମୀ ଯୋଗ ଦେବେ ସେନେଇ ଆଲୋଚନା କରିଥିଲେ ।ଏହି ପ୍ରସ୍ତୁତି ବୈଠକରେ ତିରିଂ ବ୍ଲକ,ଯାମଦା ବ୍ଲକ,ବହଳଦା ବ୍ଲକ,ରାଇରଙ୍ଗପୁର ବ୍ଲକ ଏବଂ ରାଇରଙ୍ଗପୁର ପୌରାଂଚଳ ରୁ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେକ୍ଷ

## ଉଦଘାଟନ ପୂର୍ବରୁ ଛାତ୍ରୀ ନିବାସ ଗୃହର ଦୁର୍ଦ୍ଦଶା



ଦଶପଲ୍ଲା, (ମହାଭାରତ): ଶିକ୍ଷା ର ମାନ ଉଚ୍ଚ କରିବା ପାଇଁ ବିଗତ ସରକାର ରେ ଆଦର୍ଶ ବିଦ୍ୟାଳୟ ର ପରିକଳ୍ପନା କରିବା ସହିତ ପ୍ରତି ବ୍ଲକ ରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିଲା । ଉନ୍ନତ ମାନର ଶିକ୍ଷା ପାଇବା ର ସ୍ୱପ୍ନ ଲୋକଙ୍କର ସାକାର ହୋଇଥିଲା । ଏ କ୍ରମରେ ଦେଖିଲେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦ୍ୱାରଗାଁ ଆଦର୍ଶ ବିଦ୍ୟାଳୟ ର ପ୍ରତିଷ୍ଠା ୨୦୨୨ ମସିହାରେ ପୂର୍ବତନ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଙ୍କ କର କମଳରେ ଉଦଘାଟିତ ହୋଇଥିଲା । ତେବେ ପୂର୍ବରୁ ପାଠ ପଢା ଅନ୍ୟତ୍ର ହୋଇଥିଲେ ମଧ୍ୟ ଅନୁଷ୍ଠାନିକ ଭାବେ ନିଜସ୍ୱ ଗୃହ କୁ ଆସିଥିଲା । ତେବେ ସରକାର ଙ୍କ ନିୟମ ଅନୁସାରେ ସମସ୍ତ ଛାତ୍ର ଛାତ୍ରୀ ଙ୍କ ପାଇଁ ସେହି ବିଦ୍ୟାଳୟ ପରିସରରେ ହଷ୍ଟେଲ ସୁବିଧା ମିଳିବ । ତେବେ ଦ୍ୱାରଗାଁ ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ନିବାସ ନିର୍ମାଣ ସାରିଛି । କିନ୍ତୁ କୌଣସି କାରଣରୁ ତାହାର ଉଦଘାଟନ ହୋଇନାହିଁ । ମାତ୍ର ଉଦଘାଟନ ପୂର୍ବରୁ ସେହି ଛାତ୍ରୀ ନିବାସରେ ଅନେକ ସମସ୍ୟା ଦେଖିବାକୁ ମିଳିଛି । ଛାତ ର ବିଭିନ୍ନ ସ୍ଥାନରେ ସିମେ[ ଛାଡ଼ିବା ଆରମ୍ଭ ହୋଇଥିବା ବେଳେ ବାରଣ୍ଡା ଫାଟିବା ସହିତ କାନ୍ଥ ରେ ଗଛ ଉଠିଲାଣି । ଏହା ସୁଚାଇ ଦେଉଛି ଯେ ନିମ୍ନମାନର କାମ ହୋଇଛି ଯାହାକି ଦେଖିଲେ ଆପଣ ଜାଣିପାରିବେ ବୋଲି ଜନସାଧାରଣରେ କଥା ଉଠୁଛି । ଏପଟେ ଉନ୍ନତ ଶିକ୍ଷା ର ପରିକଳ୍ପନା ସେପଟେ ପିଲା ଙ୍କ ଜୀବନ ସହିତ ଖେଳ ଖେଳୁଥିବା ଦେଖିବାକୁ ମିଳିଛି । ଦେଖାଯାଉ ନୂତନ ସରକାର କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ରଥରେ ସୁନା ବେଶରେ ଝଲସିଲେ ତିନି ଠାକୁର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ତିନି ଠାକୁରଙ୍କ ସୁନା ବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କ ସମାଗମ ହୋଇଚି।ଝିପିଝିପି ବର୍ଷା ସ□ ଦୂର ଦୁରନ୍ତାରୁ ଆଖପାଖ ଅଞ୍ଚଳରୁ ଓ ପଡ଼ୋଶୀ ରାଜ୍ୟରୁ ବହୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।ଫୁଲ ତୁଳସୀ ନଡ଼ିଆ କଦଳୀ ଧୂପ ଦୀପ ଧରି ତିନି ଠାକୁରଙ୍କୁ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ଏହି ଆଷାଢ଼ ମାସ ବଡ଼ ଏକାଦଶୀ ଓ ରଥରେ ତିନି ଠାକୁରଙ୍କ ସୁନା ବେଶ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୁଏ, ଜନ୍ମ ଜନ୍ମାନ୍ତର ପାପ ନାଶ ହେବା ସହ ବହୁ ପୁଣ୍ୟ ମିଳିଥାଏ ବୋଲି ଭକ୍ତଙ୍କ ମନରେ ବିଶ୍ୱାସ ରହିଛି।ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସକାଶେ ପୋଲିସ ମୃତ୍ୟୟନ ହୋଇଛି।

## ଲକ୍ଷ୍ମୀବସ୍ ଷ୍ଟାଣ୍ଡ କୁନେଇ ବ୍ଲକ ସମ୍ମୁଖ ରେ ଧାରଣା ଦେଲେ ଗ୍ରାମବାସୀ



ଗଣିଆ ତା ୦୭/୦୭(ମହାଭାରତ): ଗଣିଆ ବ୍ଲକ କିଶୋରପ୍ରସାଦ ପ□ାୟତ ପାଣ୍ଡରାସିଂହା ଓ ଖଲିସରା ଗ୍ରାମରେ ଲକ୍ଷ୍ମୀବସ୍ ଷ୍ଟାଣ୍ଡ ନିର୍ମାଣ କୁ ନେଇ ଦୁଇ ଗ୍ରାମରେ ବିବାଦ ମୁଣ୍ଡ ଟେକିଥିବା ଦେଖିବାକୁ ମିଳିଛିୟ ଏ ନେଇ ଖଲିସରା ଗ୍ରାମର ଗ୍ରାମବାସୀ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଧାରଣା ଦେଇଛନ୍ତିୟ ମିଳିଥିବା ସୂଚନା ଅନୁଯାୟୀ ଖଲିସରା ଗ୍ରାମରେ ଗୋଟିଏ ବସ ଷ୍ଟାଣ୍ଡ ଆଗରୁ ନିର୍ମାଣ ହୋଇଛିୟ ପଡୋଶୀ ପାଣ୍ଡରାସିଂହା ଗ୍ରାମର ଲୋକ ଖଲିସରା ଗ୍ରାମ ସୀମାସରହଦ ର ଏକ ବ୍ୟକ୍ତି ଗତ ଜାଗାରେ ଜବରଦସ୍ତ ଆଉ ଏକ ନୂତନ ଲକ୍ଷ୍ମୀବସ୍ ଷ୍ଟାଣ୍ଡ ନିର୍ମାଣ କରୁଛନ୍ତିୟ ଏହାକୁ ନେଇ ଖଲିସରା ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅଭିଯୋଗ କରିବା ସହ ଗଣିଆ ବିଡିଓ ତହସିଲଦାର ଓ ଥାନା ଅଧିକାରୀ ଙ୍କୁ ଲିଖିତ ଭାବେ ଜଣାଇ ଥିଲେୟ ହେଲେ କୌଣସି ପଦକ୍ଷେପ ନିଆନଯିବାରୁ ଗ୍ରାମବାସୀ ସୋମବାର ଦିନ ବ୍ଲକ ସମ୍ମୁଖ ରେ ଧାରଣା ଦେଇଛନ୍ତିୟ ବସ୍ ଷ୍ଟାଣ୍ଡ ନିର୍ମାଣ କୁ ନେଇ ଉଭୟ ଗ୍ରାମରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛିୟ ଖଲିସରା ଗ୍ରାମ ସୀମା ସରହଦ ରେ ନିର୍ମାଣ ହେଉଥିବା ନୂତନ ଲକ୍ଷ୍ମୀବସ୍ ଷ୍ଟାଣ୍ଡ କୁ ବନ୍ଦ୍ କରିବା ଓ ଖଲିସରା ମଧ୍ୟାରେ କୌଣସି ସରକାରୀ କାର୍ଯ୍ୟ ବାହାର ଲୋକ ନ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତିୟଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତିୟ ଧାରଣା ସ୍ଥଳ ରେ କୌଣସି ସରକାରୀ ଅଧିକାରୀ ପହ□ ନାହାଁନ୍ତିୟ

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଲକଇଠା,ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୬୩ ଗୋଟି ଅଭିଯୋଗ ଥାଏ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୧୪ ଗୋଟି ଓ ୩ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।



# ରକ୍ଷଣା ବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଆସିକା କରୋନେସନ୍ ପାର୍କ

## ପାଣିରେ ପଡିଲା ୧କୋଟି ଟଙ୍କା







ଆସିକା, (ମହାଭାରତ): ଆସିକା ସହରର୧୩ ନମ୍ବର ୱାର୍ଡ ତଥା ସହରର କେନ୍ଦ୍ରସ୍ଥଳରେ ଥିବା ୧୨୧ ବର୍ଷ ପୁରାତନ କରୋନେସନ୍ ପାର୍କ ପ୍ରାୟ ଏକ କୋଟି ଟଙ୍କାବ୍ୟୟ ଅଟକଳରେ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖରେ ଏହି ଉଦ୍ୟାନର ପୁନରୁଦ୍ଧାର ଏବଂ ନବୀକରଣ ହେବା ପରେ ତାହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।ଉକ୍ତବର୍ଷ ଉଦ୍ଘାଟନ ପରେ ଆସିକା ସହରକୁ ଏହି ପାର୍କ ଏକ ନୂଆ ପରିଚୟ ଦେଇଥିଲା। କିନ୍ତୁ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ପୁରାତନ ପାର୍କ ରୁଗ୍ଣ ଅବସ୍ଥା ଆଡ଼କୁ ଗତି କରିବାରେ ଲାଗିଛି । ଏଥି ମଧ୍ୟରେ ଥିବା ୱାଟର ସ୍ପ୍ରେ ଆଉ କାମ କରୁନାହିଁ ଯାହାଦ୍ୱରା ସେହି ସ୍ଥାନରେ ମଇଳା ପାଣି ଜମା ହୋଇରହିଛି ଆଉ ଧୀରେ ଧୀରେ ଲୋକଙ୍କ ସଂଖ୍ୟା କମିବାରେ ଲାଗିଛି ।ପ୍ରକାଶ ଥାଉକି ୧୯୦୩ ମସିହାରେ ଆନ୍ଧ୍ରପ୍ରଦେଶର ଟି.ଭି. ଜୋଶୁଲ୍ ରାଓ ପାରୁଲୁଗାରୁ ଏବଂ ତାଙ୍କ ସ୍ତ୍ରୀ ମୁଦ୍ଦରାଜାଙ୍କ ପ୍ରଚେଷ୍ଟାରେ ୪ଏକର ଜମି ଉପରେ ଏହି ପାର୍କ ନିର୍ମାଣ କରାଯାଇଥିଲା । କିଛି ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ପାର୍କକୁ ବିଦ୍ୟୁତ ସଂଯୋଗୀକରଣ ହୋଇଥିଲା। ପାର୍କକୁ ଆକର୍ଷଣୀୟ କରିବା ପାଇଁ ଭିତରେ ମହାତ୍ମାଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, କସ୍ତୁରବା ଗାନ୍ଧି ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ।ନିର୍ମାଣ କାମ ସରିଯିବା ପରେ ଏହା ୧୯୫୭ ମସିହା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦ୍ୱାରା ପରିଚାଳିତହେଉଥିଲା। ୧୯୫୭ରେ ଆସିକା ଏନ୍ଏସି ଗଠନ ହେବା ପରେ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଲା। କିନ୍ତୁ ସମୟ ଗଡ଼ିବା ମାଙ୍ଗକୁ ଏହି ପାର୍କପରିତ୍ୟକ୍ତ ଅବସ୍ଥା ଆଡ଼କୁ ଗତି କରିଥିଲାୟ ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଦାବି ପରେ ୨୦୧୯ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ରେ ଶେଷ ହୋଇଥିଲା। ସବୁଠୁ ବଡ଼କଥା ହେଉଛି। ଆସିକା ଏନ୍ଏସି ଗଠନର ୬୪ ବର୍ଷ ପରେ ସହରରେ ସୌନ୍ଦର୍ଯ୍ୟାକରଣ ପାଇଁ କୌଣସି ଯୋଜନା ହୋଇଥିଲା। ଶିଶୁଙ୍କ ଖେଳକୁଦ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ପାର୍କ ମଧ୍ୟରେ ହାତୀ ଓ ଜିରାଫ୍ ଆଦି ପଶୁଙ୍କ ସବୁଜ ପ୍ରତିକୃତି, ୱାଟର୍ ଫାଉଣ୍ଟେନ୍, ରାତ୍ରୀ ଆଲୋକମାଳା, ଘାସପଡ଼ିଆ ସାଙ୍ଗକୁ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି। ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାର୍କ ଖୋଲାଯାଉଛି। ସହରବାସୀଙ୍କ ପାଇଁ ଏହା ପ୍ରମୁଖ ଭ୍ରମଣସାନ ପାଲଟିଥିଲା । ତେବେ ବର୍ତ୍ତମାନ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମ୍ୟୁଜିକାଲ୍ ୱାଟର୍ ଫାଉଣ୍ଟେନ୍ ପାର୍କ ଖୋଲିବା ଦିନରୁ କାର୍ଯ୍ୟକ୍ଷମ ହୋଇନି। ସେଥିରୁ ମାସାଧିକ ସମୟ ଧରି ପାଣି ଜମି ନିଷ୍କାମନ ହେଉ ନଥିବାରୁ ଦୁର୍ଗନ୍ଧ ବାହାରୁଛି। ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଏବେ ଖତ ଖାଉଛି। ସେପଟେ ଦୋଳି ଗୁଡ଼ିକ ଛିଣ୍ଡି ପଡ଼ିଥିବା ବେଳେ ଭାଙ୍ଗି ପଡ଼ିଥିବା କ୍ରୀଡ଼ା ଉପକରଣ ଗୁଡ଼ିକର ମରାମତି ପାଇଁ ଏନ୍ଏସି ପ୍ରଶାସନର ନିଘା ନାହିଁ। ଆଗରୁ ମାସିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ଗତ ଜାନୁଆରୀମାସରୁ ଏକ ମହିଳା ଏସ୍ଏଚ୍ଜିକୁ ଦୈନିକ ମାତ୍ର ୮୫୦ ଟଙ୍କାରେ ଭଡ଼ା ଆକାରରେ ଲିଜ ଆକାରରେ ଦିଆଯାଇଛି। ପାଞ୍ଚ୍ ବର୍ଷ ବୟସରୁ ଅଧିକ ସମସ୍ତ ବର୍ଗର ଜନସାଧାରଣଙ୍କଠୁ ଭିନ୍ଦାରା ଦୈନିକ ୧୦ ଟଙ୍କା ପ୍ରବେଶଶୁଳ୍କ ଆଦାୟ କରୁଛନ୍ତି। ରକ୍ଷଣାବେକ୍ଷଣ ଦାୟି କିନ୍ତୁ ପୌର ପ୍ରଶାସନ ହାତରେ ରହିଛି। ମାସିକ ଯେତେ ଟଙ୍କା ଆଦାୟ ହେଉଛି, ତା'ଠାରୁ ଅଧିକ ଏହାର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେଉଛି। ସେହିପରି ଶୌଚାଳୟ ଅବସ୍ଥା ନକହିବା ଭଲୟ ତୁରନ୍ତ ଏଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

### ମହାଭାରତର ମହାପ୍ରଭାବ

## ଖବର ପ୍ରସାରଣ ପରେ ରାସ୍ତା ନିର୍ମାଣ ପାଇଁ ପହଞ୍ଚିଲା ଗ୍ରାମ୍ୟଉନ୍ନୟନ ବିଭାଗ



ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ମା ' ଉକୁଳେଇ ଙ୍କ ପୀଠ କୁ ମୁଖ୍ୟ ସଡ଼କ ରୁ ସଂଯୋଗୀ କରଣ କରୁଥିବା ରାସ୍ତା ବର୍ତ୍ତମାନ ଶୋଚନୀୟ ଅବସ୍ଥା ରେ ରହିଛି, ଏହି ଶକ୍ତିପୀଠ କୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟା ର ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ଆସୁଥିବା ବେଳେ, ଏଠି ଥିବା ମହାତ୍ମାଗାନ୍ଧୀ କଲେଜ କୁ ଛାତ୍ରଛାତ୍ରୀ, ଅଭିଭାବକ, ପ୍ରତ୍ୟେକ ଦିନ ଏହି ରାସ୍ତା ରେ ନିର୍ଭର କରନ୍ତି, ୩୦ ରୁ ୪୦ ପରିବାର ମଧ୍ୟ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ବେଳେ ଅନେକ ଲୋକ କୃଷି କ୍ଷେତ୍ର କୁ ମଧ ଗମନା ଗମନ କରନ୍ତି, ମାତ୍ର ଏହି ରାସ୍ତା ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥା ରେ ଥିବା ବେଳେ ଏହାକୁ ନେଇ ଆମେ ୧ ତାରିଖ ରେ ଏକ ଖବର ପ୍ରକାଶ କରିଥିଲୁ, ଅସ୍ତରଙ୍ଗ ଅଞ୍ଚଳ ର ସମାଜ ସେବୀ ଅମୀୟ ରଞ୍ଜନ ବାରିକ ଖବର କୁ ଟ୍ୱିଟ କରିଥିଲେ। ଆଉ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ସମସ୍ୟା କୁ ଉପଲବ୍ଧି କରି ପୁରୀ ଜିଲ୍ଲାପାଳ ଙ୍କ ଜରିଆ ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା କୁ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପାଇବା ପରେ ଆଜି କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରୁ ୨ ଜଣିଆ ଟିମ୍ ଆସି ପ୍ରାରମ୍ଭିକ ପର୍ଯ୍ୟାୟ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକ ଙ୍କ ମତାମତ ଗ୍ରହଣ କରିଛନ୍ତି, ଆଉ ଖୁବ ଶୀଘ୍ର ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ।

## ରାଇରଙ୍ଗପୁର ରେ ୩୮ତମ ଦୁଇ ଦିବଶୀୟ ପ୍ରଷିଦ୍ଧ ବାହୁଡାଯାତ୍ରା ସମ୍ପନ୍ନ





ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ପ୍ରସିଦ୍ଧ ୩୮ ତମ ଦୁଇ ଦୀବସୀୟ ପବିତ୍ର ବାହୁଡା ରଥ ଯାତ୍ରା ସମ୍ପନ୍ନ ହୋଇଯାଇଛି । ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସମ୍ପନ୍ନ ହୋଇଯାଇଛି । ଶନିବାର ଦିନ ସୋୟତଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତିଙ୍କ ପହଣ୍ଡି ବିଜେ ଓ ରଥାରୁଢ଼ କରାଯାଇଥିଲା । ଜୟ ଜଗନ୍ନାଥ ,ହୁଳହୁଳି ଘଣ୍ଟ ,ଘଣ୍ଟି,,ହରିରାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଂଚଳ।ଅପରାହ୍ନରେ ପରମ୍ପରା ଅନୁସାରେ ପୌରାଧ୍ୟକ୍ଷ ଅଭିଷେକ ପଟନାୟକଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପନ୍ନ ହେବାପରେ ଅପରାହ୍ନ ,୫.୨୦ ରେ ମାଉସୀ ମା'ର ମନ୍ଦିର ପାଖରୁ ସାହୁଲଜ୍ ପର୍ଯ୍ୟନ୍ତ ପୁରୁଷମାନଙ୍କ ଦ୍ୱାରା ରଥଟଣା ଯାଇଥିଲା ଆରମ୍ଭ ହୋଇ ୬.୪୦ ରେ ସମ୍ପନ୍ନ ହୋଇଥିଲା । ଆଜି ରିର ଦିନ ଝିପି ଝିପି ବର୍ଷା ଲାଗିଥିବା ସତ୍ୱେ ଡାହୁକ କୃଷ୍ଣବିହାରୀ ମହାନ୍ତି ଏବଂ ଯୁବ ଡାହୁକ ଅଭିଷେକ ମହାନ୍ତିଙ୍କ ଆକର୍ଷଣୀୟ ଡାକ ହୋ ଭଗତେ ....ଧୀରେ ଧୀରେ .,ବୋଲି ଜୟ ଜଗନ୍ନାଥ ଧ୍ୱନୀରେ ମହିଳାମାନେ ଉତ୍ଫୁଲ୍ଲିତ ହୋଇ ସମସ୍ତ ବଳ ଖଟାଇ ରଥକୁ ଟାଣି ଟାଣି ନେଇଥିଲେ । ଅପରାହ୍ନ ୫.୧୫ ରରୁ ୬.୩୦ ପର୍ଯ୍ୟନ୍ତ ରଥାଟଣା ଯାଇଥିଲା । ସାହୁଲଜ୍ ସମ୍ମୁଖରୁ ଜଗନ୍ନାଥ ମାର୍କେଟ ରଥଖଳା ପର୍ଯ୍ୟନ୍ତ ରଥକୁ ଟାଣି ପହଞ୍ଚାଇଥିଲେ। ସମଗ୍ର ଅଂଚଳ ଜଗନ୍ନାଥ ମଧ ଓ ଛତାମୟ ହୋଇ ଯାଇଥିଲା।ଆଜିର ନନ୍ଦିନାମ୍ବକ ରଥଯାତ୍ରାର ଅନ୍ତିମ ଦିନରେ ,୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ,ରାଇରଙ୍ଗପୁର ଆଖପାଖ ଅଂଚଳରୁ ଚତୁର୍ଦ୍ଧାମୂର୍ତ୍ତି କୁ ଦର୍ଶନ କରିବାକୁ ଛୁଟି ଆସିଥିଲେ ୟଶ୍ରଦ୍ଧାଳୁ ମାନଙ୍କୁ ମାରୱାଡି ମଂଚ,ରାଇରଙ୍ଗପୁର ବ୍ୟଡମିଣ୍ଟନ କ୍ଲବ,୨୦୦୭ ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ମେଟ୍ରିକ୍ ବେ୍ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା ।କାର୍ଯ୍ୟକ୍ରମକୁ ରଥ କମିଟି ଅଧ୍ୟକ୍ଷ ସାଂସଦ ନବ ଚରଣ ମାଝୀ,ବିଧାୟକ ଜଲେନ ନାଏକ, ଦେବୋତ୍ତୋର କମିଟି ଅଧ୍ୟକ୍ଷ ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ,ପିଡି ଧର୍ମାନନ୍ଦ ହେରୋ ,ସାଂସଦ ପ୍ରତିନିଧି ନିନ ରାମ ,ରଥ କମିଟି ସଦସ୍ୟ ବୃନ୍ଦ,ପୋଲିସ ପ୍ରଶାସନ ବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳାର ସହ ରଥ ପରିଚାଳନାରେ ସହଯୋଗ କରିଥିଲେ ।

## ପିପିଏଲ ଡିଏଭି ସ୍କୁଲ ପକ୍ଷରୁ ସପ୍ତାହ ବ୍ୟାପି ବନମହୋତ୍ସବ ଆୟୋଜିତ





ପାରାଦୀପ(ମହାଭାରତ) ପାରାଦୀପ ସ୍ଥିତ ପିପିଏଲ ଡ଼ି.ଏ.ଭି ପବ୍ଲିକ୍ ସ୍କୁଲ୍ ରେ ବନ ମହୋତ୍ସବକୁ ଅତି ଉତ୍ସାହ ଏବଂ ପ୍ରତିବଦ୍ଧତା ସହିତ ପାଳିତ ହୋଇଯାଇଛି । ବିଦ୍ୟାଳୟରେ ସପ୍ତାହ ବ୍ୟାପି ଆୟୋଜିତ ଏହି ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷର ମହତ୍ ଏବଂ ନିରନ୍ତର ଜୀବନଯାପନ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ପ୍ରଥମ ଦିବସରେ ବୃକ୍ଷ ଉପରେ ଆଧାରିତ କବିତା ଆବୃତ୍ତି, ବକ୍ତୃତା ଏବଂ ପ୍ରବନ୍ଧ ଲେଖା ପ୍ରତିଯୋଗିତା କରାଯାଇଥିଲା । ସେହିପରି ଅନ୍ୟ ଦିବସରେ ବନମହୋତ୍ସବ ବିଷୟବସ୍ତୁ ଉପରେ ସ୍ଲୋଗାନ ଦେଇ ପ୍ଲାକାର୍ଡ ପ୍ରଦର୍ଶନ, ସ୍ଥାୟୀ ପରିବେଶ ବିଷୟ ବସ୍ତୁ ଆଧାରିତ କୋଲ୍ଲାଜ୍ ପ୍ରସ୍ତୁତ, ପତ୍ର ଏବଂ ଫୁଲ ଆଧାରିତ ଚିତ୍ରାଙ୍କନ,ଏକକ ଅଭିନୟ, ଜଙ୍ଗଲ ସଂରକ୍ଷଣ ଏବଂ ଜଳବାୟୁ ସ୍ଥିରତାର ପ୍ରଭାବ ଉପରେ ବିଶେଷଜ୍ଞ ଡ. ଆନନ୍ଦ ଶର୍ମା ଓ ଡ. ବି. ସୁଦର୍ଶନ ପାତ୍ରୋଙ୍କ ଦ୍ୱାରା ଆଲୋଚନା ଚକ୍ର, ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କ କଳାତ୍ମକ ହସ୍ତ ଦ୍ୱାରା ନିର୍ମିତ ଚମତ୍କାର ରଙ୍ଗୋଲୀ, ସପ୍ତମ ତଥା ଶେଷ ଦିନରେ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା ପାଇଁ ପ୍ରତିଜ୍ଞା ନେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପିପିଏଲ ର ମୁଖ୍ୟ ପ୍ରବନ୍ଧକ ଏନ. ଡି. ପାଇ ପାନାଣ୍ଡିକର, ଯୁଗ୍ମ ପ୍ରବନ୍ଧକ ଅମ୍ବିକେଶ ମିଶ୍ର ଏବଂ ପିପିଏଲର ବରିଷ୍ଠ ପଦାଧିକାରୀମାନଙ୍କ ସହିତ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁ ଯୋଗଦେଇ ବୃକ୍ଷ ରୋପଣ କରି ଏକ ସଚେତନତା ର ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ ଅତିଥି ମାନେ ସମସ୍ତଙ୍କୁ ଅନ୍ତତଃ ଗୋଟିଏ ବୃକ୍ଷ ରୋପଣ ପାଇଁ ବାର୍ତ୍ତା ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ, କଳା ଶିକ୍ଷକ , ବିଜ୍ଞାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସହାୟତା ରେ ଆୟୋଜିତ ହୋଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ବିଜ୍ଞାନ ବିଭାଗର ମୁଖ୍ୟ ଶିକ୍ଷକ ସମ୍ବିତ ସ୍ୱାଇଁ ଓ ଇଂରାଜୀ ବିଭାଗର ଶିକ୍ଷକ ଜୟଦେବ ଚକ୍ରବର୍ତ୍ତୀ ସୂତ୍ରରୁ ରୂପେ ପରିଚାଳନା କରିଥିଲେ । ବିଦ୍ୟାଳୟର ସଂଯୋଜକ ବୃନ୍ଦାବନ ରାଉତ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବନ ମହୋତ୍ସବ ସପ୍ତାହଟି ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା ।

# ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟିରେ ଆୟୋଜିତ ତିନି ଦିନିଆ ଆଦିବାସୀ ଖାଦ୍ୟ ପ୍ରସ୍ତୁତି କର୍ମଶାଳା



କଳିଙ୍ଗନଗର,(ମହାଭାରତ): ଟାଟା ଷ୍ଟିଲ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ତିନି ଦିନିଆ ଆଦିବାସୀ ଖାଦ୍ୟ ପ୍ରସ୍ତୁତି କର୍ମଶାଳା ରବିବାର ଗୋବରଘାଟିରେ ସଫଳତାର ସହିତ ଉଦଯାପିତ ହୋଇଯାଛି । ଏହି ଅଭିନବ ପଦକ୍ଷେପରେ ତ୍ରିଜଙ୍ଗା ଆର୍ ଆଣ୍ଡ ଆର୍ କଲୋନୀ, ଗୋବରଘାଟି ଫେଜ-୨, ଜାମପସି, ନ୍ୟୁ ଚମ୍ପାକୋଇଲା ସେଲଫ ରିହାବ କଲୋନୀ ଏବଂ ରାମଠେଙ୍ଗା ଗ୍ରାମର ୩୫ ଜଣ ଆଦିବାସୀ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଆଦିବାସୀ ଖାଦ୍ୟ ପ୍ରସ୍ତୁତି ଜ୍ଞାନର ସଂରକ୍ଷଣ ଓ ପ୍ରଚାର ସହିତ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା। ଏହି କର୍ମଶାଳା ଅଂଶଗ୍ରହଣକାରୀଙ୍କୁ ପାରମ୍ପରିକ ଆଦିବାସୀ ରୋଷେଇ କୌଶଳରେ ଦକ୍ଷତା ବୃଦ୍ଧି ପାଇଁ ପରିକଳ୍ପନା କରାଯାଇଥିଲା ।ପ୍ରଥମ ଦିନରେ ପାରମ୍ପରିକ ଏବଂ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦଳ ଭିତ୍ତିକ ଆଲୋଚନା, ପ୍ରତେକ ଦଳ ପକ୍ଷରୁ ପ୍ରସ୍ତୁତି ଓ ଏକ ଡକ୍ୟୁମେଣ୍ଟାରୀ ମାଧ୍ୟମରେ ପୁରୁଣା ଜନଜାତି । ଖାଦ୍ୟ ପ୍ରଥାର ଐତିହ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। କର୍ମଶାଳାର ଦ୍ୱିତୀୟ ଦିବସରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱାସ୍ଥ୍ୟବିଜ୍ଞାନ ଉପରେ ଗୁରୁତ୍ୱ ଦିଅଯାଇଥିଲା। ସୁରକ୍ଷିତ ଭାବରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ବ୍ୟବହାରିକ ଅଭ୍ୟାସ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ ନୂତନ ଜ୍ଞାନ ଆହରଣ କରିଥିଲେ।ତୃତୀୟ ଦିନ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଉପରେ କେନ୍ଦ୍ରିତ ହୋଇଥିଲା। ମାଣ୍ଡିଆ (ରାଗି) ଜୁସ୍ ଏବଂ ନାନାଦି ଆଦିବାସୀ ହରବାଲ୍ ଚ ପ୍ରସ୍ତୁତି ଏହି ଦିନର ମୁଖ୍ୟ ଆକର୍ଷଣ ଥିଲା, ଯାହାକି ସେମାନଙ୍କର ଉଚ୍ଚ ପୁଷ୍ଟିଗୁଣ ଏବଂ ସ୍ୱାସ୍ଥ୍ୟ ଉପକାରିତା ପାଇଁ ପ୍ରସିଦ୍ଧ।ଏହି କର୍ମଶାଳା ଟାଟା ଷ୍ଟିଲ ଫାଉଣ୍ଡେସନର ସାଂସ୍କୃତିକ ସଂରକ୍ଷଣ ଏବଂ ଜନସାଧାରଣଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଆଦିବାସୀ ଘରୋଇ ରୋଷଣାଙ୍କୁ ଉନ୍ନତ ଖାଦ୍ୟ ପ୍ରସ୍ତୁତ କୌଶଳ ଏବଂ ସୁସ୍ଥ ଖାଦ୍ୟ ପ୍ରଥା ବିଷୟରେ ଜ୍ଞାନ ପ୍ରଦାନ କରି, ଏହି ଅଭିନବ ପଦକ୍ଷେପ ସେମାନଙ୍କୁ ସଶକ୍ତ କରିଛି।

ଏହି କର୍ମଶାଳା ମାଧ୍ୟମରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଆଦିବାସୀ ରୋଷେୟାଙ୍କୁ ଉତ୍ତତ ଖାଦ୍ୟ ପ୍ରସ୍ତୁତ କୌଶଳ ଓ ସ୍ୱାସ୍ଥ୍ୟକର ଅଭ୍ୟାସ ପ୍ରଥା ଶିଖାଇ ସେମାନଙ୍କ ସାଂସ୍କୃତିକ ପରମ୍ପରା ସଂରକ୍ଷଣ ଓ ସମାଜ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି।

## ସର୍ଭିସ ରାଇଫଲରୁ ଗୁଳି ଫୁଟି ଯବାନ ମୃତ

ଜାମ୍ମୁ : ଜାମ୍ମୁ-କାଶ୍ମୀରର ରାଜୌରୀ ଜିଲାରେ ନିଜର ସର୍ଭିସ ରାଇଫଲରୁ ଅକସ୍ମାତ ଗୁଳି ଫୁଟି ଜଣେ ଯବାନ ପ୍ରାଣ ହରାଇଥିବା ଜଣାପଡିଛି । ରାଜୌରୀ ସହରରୁ ୪୦ କିମି ଦୂର ସୋଲକି ଗ୍ରାମରେ ଥିବା ୫୪ ରାଷ୍ଟ୍ରୀୟ ରାଇଫଲ୍ ?ସରେ ଏହି ଯବାନ ଜଣକ ସେ଼ି ଭାବେ କାର୍ଯ୍ୟରତ ଥିଲେ । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ସେନା ପକ୍ଷରୁ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରବଳ ବର୍ଷା ଯୋଗୁଁ ବନ୍ଦ ହେଲା କେଦାରନାଥ ଯାତ୍ରା



ନୂଆଦିଲ୍ଲୀ : ପ୍ରବଳ ବର୍ଷାରେ ବେହାଲ ହୋଇପଡିଛି ହିମାଚଳ ପ୍ରଦେଶ, ଉତରାଖଣ୍ଡ ଭଳି ରାଜ୍ୟ । ପ୍ରବଳ ବର୍ଷା ଯୋଗୁଁ କେଦାରନାଥ ଯାତ୍ରା ବନ୍ଦ କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ ଯାତ୍ରୀଙ୍କୁ ସୋନପ୍ରୟାଗ ଏବଂ ଗୌରୀକୁଣ୍ଡରେ ଅଟକାଯାଇଛି । ପାଣିପାଗ ବିଭାଗ ଆଜି ରୁଦ୍ରପ୍ରୟାଗ ଏବଂ ଚାମୋଲି ଜିଲ୍ଲା ପାଇଁ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରିଛି । ଉତରାଖଣ୍ଡର ରୁଦ୍ରପ୍ରୟାଗ ଏବଂ ଆଖପାଖ ଅ*ଳରେ ପ୍ରବଳ ବର୍ଷା ଯୋଗୁଁ ଅଳକନନ୍ଦା ନଦୀର ଜଳସ୍ତର ବୃଦ୍ଧି ପାଇଛି । ତଥାପି, ନଦୀ ଏବେ ବି ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ଭୂସ୍ଖଳନ ପରେ ବଦ୍ରିନାଥକୁ ଯିବା ରାସ୍ତା ମଧ୍ୟ ବନ୍ଦ ହୋଇଯାଇଛି । ଗୌରୀକୁଣ୍ଡରେ ରାସ୍ତା ସଫା କାର୍ଯ୍ୟ ଜାରି ରହିଛି, ଯାହା ଦ୍ୱାରା ଯାତ୍ରା ଶୀଘ୍ର ଆରମ୍ଭ ହୋଇପାରିବ । ଉତରାଖଣ୍ଡରେ ପ୍ରବଳ ବର୍ଷା ଜାରି ରହିଛି । ଏହି କାରଣରୁ ଭୂସ୍ଖଳନର ଘଟଣା ମଧ୍ୟ ସାମ୍ନାକୁ ଆସୁଛି । ନିକଟରେ ପ୍ରବଳ ବର୍ଷା ଯୋଗୁଁ ସୋନପ୍ରୟାଗରେ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ କେଦାରନାଥରୁ ଫେରୁଥିବା ୪୦ ରୁ ଅଧିକ ଶ୍ରଦ୍ଧାଳୁ ଫସି ଯାଇଥିଲେ । ଏସଡିଆରଏଫ ଟିମ୍ ସୋନପ୍ରୟାଗ ଭୂସ୍ଖଳନ ଅ*ଳ ନିକଟରେ ଫସି ରହିଥିବା ୪୦ ଜଣ ଶ୍ରଦ୍ଧାଳୁଙ୍କୁ ସଫଳତାର ସହ ଉଦ୍ଧାର କରିଛି । ଉତରାଖଣ୍ଡରେ ନିରନ୍ତର ବର୍ଷା ଯୋଗୁଁ, ଅନେକ ଅଂଚଳରେ ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରଭାବିତ ହୋଇଛି । ତେବେ ଉତରାଖଣ୍ଡର ୪ଟି ଜିଲ୍ଲାରେ ଭୂସ୍ଖଳନ ଚେତାବନୀ ଦିଆଯାଇଛି । ଆଜି ଏବଂ ଆସନ୍ତାକାଲି ଟିହରୀ, ରୁଦ୍ରପ୍ରୟାଗ, ଚମୋଲି ଏବଂ ଉତରକାଶୀରେ ଭୂସ୍ଖଳନ ସମ୍ଭାବନା ରହିଛି । ତେଣୁ ଲୋକମାନଙ୍କୁ ଆଲର୍ଟରେ ରଖାଯାଇଛି ।

## ଭାରତକୁ ଧମକ ଦେଲେ ଟ୍ରମ୍ପ

ୱାଶିଂଟନ୍ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇଜଓଉଝ ଦେଶଗୁଡ଼ିକର ସଦସ୍ୟମାନଙ୍କୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ସେ ଆମେରିକା ବିରୋଧୀ ଯେକୌଣସି ନୀତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ ? ଲାଗୁ କରିବେ । ତାଙ୍କ ଅନୁସାରେ, ଆମେରିକାକୁ ବିରୋଧ କରିବା ପାଇଁ ଇଜଓଉଝ ଦେଶର ସଦସ୍ୟମାନଙ୍କ ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ୍ ଲାଗୁ କରାଯିବ । ଇଜଓଉଝ ୨୦୨୫ ଶିଖର ସମ୍ମିଳନୀରେ ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିବା ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଛି । ବ୍ରାଜିଲରେ ଅନୁଷ୍ଠିତ ଇଜଓଉଝ ୨୦୨୫ ଶିଖର ସମ୍ମିଳନୀରେ ୧୦ ସଦସ୍ୟ ଦେଶ – ବ୍ରାଜିଲ, ଚୀନ, ମିଶର, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷିଆନ ଫେଡେରେସନ, ଦକ୍ଷିଣ ଆଫ୍ରିକା, ସଂଯୁକ୍ତ ଆରବ ଏମିରେଟ୍ସ – ଇରାନ ପରମାଣୁ ଏବଂ ସାମରିକ ପ୍ରତିଷ୍ଠାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ ଆକ୍ରମଣକୁ ଅବୈଧ ବୋଲି କହିଛନ୍ତି । ଏହା ବ୍ୟତୀତ, ବ୍ରାଜିଲ ସମ୍ମିଳନୀରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ଦକ୍ଷିଣରେ ଆକ୍ରମଣ କ୍ଷେତ୍ରରେ ଆତଙ୍କବାଦ ପ୍ରତି ଦ୍ୱନ୍ଦ୍ୱ ମାନଦଣ୍ଡର ପର୍ଦ୍ଦାଫାଶ କରିଛନ୍ତି । ବ୍ରିକ୍ସ ଦେଶଗୁଡ଼ିକର ମିଳିତ ଘୋଷଣାପତ୍ରରେ ଜମ୍ମୁ ଏବଂ କଶ୍ମୀରରେ ପହଲଗାମ ଆକ୍ରମଣକୁ ନିନ୍ଦା କରାଯାଇଛି, ଦେଶଗୁଡ଼ିକ ଆତଙ୍କବାଦୀଙ୍କ ସୀମାପାର ଗତିବିଧି, ଆତଙ୍କବାଦ ପାଣ୍ଠି ଏବଂ ନିରାପଦ ଆଶ୍ରୟସ୍ଥଳ ବିରୋଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି । ବିବୃତିରେ କୁହାଯାଇଛି, ଆମେ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ସୁନିଶ୍ଚିତ କରିବାକୁ ଏବଂ ଆତଙ୍କବାଦ ମୁକାବିଲାରେ ଦ୍ୱୈତ ମାନଦଣ୍ଡକୁ ପ୍ରତ୍ୟାଖ୍ୟାନ କରିବାକୁ ଅନୁରୋଧ କରୁଛୁ । ଏହା ବ୍ୟତୀତ, ମିଳିତ ଘୋଷଣାପତ୍ରରେ ଆମେରିକାର ନାମ ନ ନେଇ ଅନିଚ୍ଛାକୃତ ଟାରିଫ୍ ବୃଦ୍ଧିକୁ ସମାଲୋଚନା କରାଯାଇଛି ଏବଂ କୁହାଯାଇଛି ଯେ ଏପରି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ଦୁର୍ବଳ କରିବା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ବାଧା ଦେବାର ଆଶଙ୍କା ସୃଷ୍ଟି କରେ । ଆମେରିକା ପୂର୍ବରୁ ଚାଇନା ଏବଂ ଭାରତ ଉପରେ ଭାରୀ ଟାରିଫ୍ ଲାଗୁ କରିବାକୁ ଘୋଷଣା କରିସାରିଛି । ଆମେରିକା ଏବଂ ଭାରତ ମଧ୍ୟରେ କ୍ଷୁଦ୍ର ଟ୍ରେଡ୍ ଡିଲ୍ ଶେଷ ପର୍ଯ୍ୟାୟରେ ପହଂଚିଛି । ଯଦି ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଆଗାମୀ ୨୪-୩୦ ଘଂଟା ମଧ୍ୟରେ ଏ ବିଷୟରେ ନିଷ୍ପତି ନିଆଯିବ ବୋଲି ଆଶା କରାଯାଉଛି । ତଥାପି, ଟ୍ରେଡ୍ ? ଡିଲ୍ ପୂର୍ବରୁ ମଧ୍ୟ ଟ୍ରମ୍ପ ପୁଣି ଥରେ ଇଜଓଉଝ ଦେଶଗୁଡ଼ିକୁ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି । ବର୍ତମାନ, ଏହି ଚୁକ୍ତି କେବେ ସ୍ୱାକ୍ଷରିତ ହେବ ଏବଂ କେଉଁ ସ୍ତରରେ ହେବ ସେ ବିଷୟରେ କୌଣସି ସରକାରୀ ସୂଚନା ନାହିଁ ।

## କେତେବେଳେ ବି ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ: ଗଡକରୀ

ନାଗପୁର : ନାଗପୁରରେ ଅନୁଷ୍ଠିତ 'ବିୟଣ୍ଡ ବର୍ଡର୍ସ' ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ବିଶ୍ୱ ସଂଘର୍ଷ ଏବଂ ମାନବିକ ସଙ୍କଟ ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଏହି ସମୟରେ ବିଶ୍ୱରେ ସଂଘର୍ଷର ବାତାବରଣ ରହିଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ, ରୁଷିଆ-ୟୁକ୍ରେନ ମଧ୍ୟରେ ଯାହା ଘଟୁଛି ତାହାର ପୃଷ୍ଠଭୂମିରେ, ଯେକୌଣସି ସମୟରେ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇପାରେ । ଆଜିର ଯୁଦ୍ଧ କେବଳ ସୈନିକଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ମିଶାଇଲ, ଡ୍ରୋନ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାଧାରଣ ନାଗରିକଙ୍କୁ ସିଧାସଳଖ ଟାର୍ଗେଟ କରାଯାଉଛି । ଗଡକରୀ ତାଙ୍କ ଭାଷଣରେ ମହାଶକ୍ତିର ଏକଛତ୍ରବାଦୀ ଏବଂ ସର୍ବସତ୍ୱବାଦୀ ପ୍ରକୃତି ଉପରେ ସିଧାସଳଖ ଆକ୍ରମଣ କରିଥିଲେ । ସେ କହିଛନ୍ତି, ସମନ୍ୱୟ, ସଦ୍ ?ଭାବ ଏବଂ ପ୍ରେମର ଭାବନା ହ୍ରାସ ପାଉଛି । ମାନବତାକୁ ସୁରକ୍ଷା ଦେବା କଷ୍ଟକର ହେଉଛି, କାରଣ ସାଧାରଣ ନାଗରିକ ମଧ୍ୟ ଯୁଦ୍ଧର ଟାର୍ଗେଟ ହେଉଛନ୍ତି । ମିଶାଇଲ ଆକ୍ରମଣ ଏବେ ନାଗରିକ ବସତିରେ ପହଂଚିଛି । ଯୁଦ୍ଧ କେବଳ ସାମରିକ ନୁହେଁ, ଏବେ ନୈତିକ ଏବଂ ସାମାଜିକ ଯୁଦ୍ଧ ମଧ୍ୟ ଲଢ଼ାଯାଉଛି । ଗଡକରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ଏବଂ ୟୁରୋପରେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଉତେଜନା ବୃଦ୍ଧି ପାଉଛି ।

# ଜଳ ପ୍ରଳୟରେ ବେହାଲ ଆମେରିକା, ୮୨ ମୃତ



ଆମେରିକା : ଓଃ କି ଭୟଙ୍କର । ପ୍ରକୃତି ରଚିଛି ତାଣ୍ଡବ ଲୀଳା । ଜଳ ପ୍ରଳୟରେ ବେହାଲ ଆମେରିକା ଟେକ୍ସାସ । ବାଦଲଫଟା ବର୍ଷା ସାଙ୍ଗକୁ ଅଚାନକ ବନ୍ୟା ଓ ଭୂସ୍ଖଳନ ଘଟି ଅନେକ ଲୋକଙ୍କ ଜୀବନ ଗଲାଣି । ତା ସହିତ ଖାଦ୍ୟ ଓ ବିଜୁଳି ବିନା ବ*ିରହିଥିବା ମଣିଷ ବି ଛଟପଟ ହେଉଛନ୍ତି । ଜୁଲାଇ ୪ ତାରିଖରେ ଆମେରିକାର ଟେକ୍ସାସ ରାଜ୍ୟର ଗୁଆଡାଲୁପ୍ ନଦୀରେ ହଠାତ୍ ବନ୍ୟା ଆସିବାରୁ ୩ ଦିନରେ ୮୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୧ ଜଣ ନିଖୋଜ ଅଛନ୍ତି । ନଦୀ ନିକଟରେ ଏକ ବାଳିକା ଗ୍ରୀଷ୍ମକାଳୀନ ଶିବିର ଥିଲା, ଯାହା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା । ଶିବିରରେ ଉପସ୍ଥିତ ଥିବା୨୭ ଜଣ ବାଳିକାଙ୍କର ମୃତ୍ୟୁ ଘଟିଥିବା ବେଳେ ୭୫୦ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଥିଲା । ଟେକ୍ସାସର ଅନେକ ଅ*ଳରେ ପରିସ୍ଥିତି ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇନାହିଁ । ପାଣିପାଗ ବିଭାଗ ବନ୍ୟା ସତର୍କତା ଜାରି କରିଛି ଏବଂ ଗୁଆଡାଲୁପ୍ ନଦୀ କୂଳରେ ରହୁଥିବା ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ଅନୁରୋଧ କରାଯାଇଛି । ଶୁକ୍ରବାର ଟେକ୍ସାସର ସେନ ଆଂଟୋନିଓରେ ପ୍ରବଳ ବର୍ଷା ହୋଇଛି । ମାତ୍ର ୪୫ ମିନିଟ୍ ମଧ୍ୟରେ ନଦୀର ଜଳସ୍ତର ୨୬ ଫୁଟ (୮ ମିଟର) ବୃଦ୍ଧି ପାଇ ଘର ଏବଂ ଯାନବାହାନକୁ ଭସେଇ ନେଇଥିଲା । ହେଲିକପ୍ଟର ଏବଂ ଡ୍ରୋନ୍ ସାହାଯ୍ୟରେ ଲୋକଙ୍କ ସନ୍ଧାନ ଏବେ ବି ଜାରି ରହିଛି । ଏହି ବିପତି ସମୟରେ ଟ୍ରମ୍ପ ୧୧ ଜୁଲାଇରେ ଟେକ୍ସାସ ଗସ୍ତ କରିପାରନ୍ତି । ପ୍ରଧାନମନ୍ତ୍ରୀ ମୋଦି ୫ ଜୁଲାଇରେ ବନ୍ୟାରେ ପିଲାଙ୍କ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିବା ସହିତ ପ୍ରଭାବିତ ପରିବାର ପ୍ରତି ସମବେଦନା ଜଣାଇଥିଲେ । ତେବେ ବର୍ଷା ଯୋଗୁଁ ନଦୀର ଜଳ ସ୍ଥାନୀୟ ଝରଣା ଏବଂ ଜଳପଥରେ ପ୍ରବାହିତ ହୋଇ ରାସ୍ତାଗୁଡିକରେ ବନ୍ୟା ସୃଷ୍ଟି କରିଥିଲା । ଟ୍ରେଲର ଏବଂ ଯାନବାହାନ ଭାସି ଯାଇଥିଲା । ସେନ ଆଂଟୋନିଓ ଜରୁରୀକାଳୀନ ଦଳଗୁଡ଼ିକ ହେଲିକପ୍ଟର ଏବଂ ଡ୍ରୋନ ବ୍ୟବହାର କରି ଖୋଜା ଖୋଜି କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେହି ଅ*ଳର ଲୋକମାନେ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି ଯେ ବନ୍ୟା ପାଣି ହଠାତ୍ ଆସିଥିଲା ଏବଂ ନିଜକୁ ବଂଚାଇବା ପାଇଁ ସେମାନଙ୍କୁ ଗଛ ଚଢ଼ିବାକୁ ପଡିଥିଲା । ବନ୍ୟା ଯୋଗୁଁ ବିଦ୍ୟୁତ ଖୁଂଟ ଗୁଡ଼ିକ ଭାଙ୍ଗି ପଡ଼ିଥିଲା ଏବଂ କେରଭିଲ୍ ଆଖପାଖ ଅ*ଳର ପ୍ରାୟ ୨ ହଜାର ୬୦୦ଘର ବିଜୁଳି ଚାଲିଯାଇଥିଲା । ସେହିପରି ହିମାଚଳ ପ୍ରଦେଶରେ ମୌସୁମୀ ଆରମ୍ଭ ହେବା ପରଠାରୁ, ରାଜ୍ୟର ଅନେକ ସ୍ଥାନରେ ବର୍ଷା ତାଣ୍ଡବ ସୃଷ୍ଟି କରିଛି । ହିମାଚଳ ପ୍ରଦେଶ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପାଗ ସମ୍ବନ୍ଧୀୟ ଘଟଣାରେ ଏପର୍ଯ୍ୟନ୍ତ ରାଜ୍ୟରେ ୭୮ ଜଣଙ୍କର ମୃତ୍ୟୁ ହୋଇଛି । ଏଥିମଧ୍ୟରୁ ୫୦ ଜଣଙ୍କର ବର୍ଷା ଯୋଗୁଁ ମୃତ୍ୟୁ ହୋଇଛି । ମୌସୁମୀ ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ହିମାଚଳ ପ୍ରଦେଶରେ ସାର୍ବଜନୀନ ସୁବିଧା ଏବେ ବି ବାଧାପ୍ରାପ୍ତ ହୋଇଛି ।

## ପାକିସ୍ତାନ ସହ ମିଶି ମୁମ୍ବାଇ ଆକ୍ରମଣ ଯୋଜନା କରୁଥିଲା ତହୱୁର ରାଣା



ନୂଆଦିଲ୍ଲୀ : ସତ ଉଗାରିଲା ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡଯନ୍ତ୍ରକାରୀ ତହୱୁର ରାଣା । ୨୦୦୫ରୁ ପାକିସ୍ତାନ ସହ ମିଶି ମୁମ୍ବାଇ ଆକ୍ରମଣର ଯୋଜନା କରିଥିଲା । ମୁମ୍ବାଇ କ୍ରାଇମବ୍ରା*ର ଇଟୋରଗେସନ ସମୟରେ ଏପରି ବିସ୍ଫୋରକ ବୟାନ ଦେଇଛି ପାକିସ୍ତାନ ଆତଙ୍କବାଦୀ । ପାକିସ୍ତାନୀ ସେନାର ଜଣେ ବିଶ୍ୱସ୍ତ ଏଜେଂଟ ଥିବା ମାନିଛି ତହୱୁର । ଏହାସହ ୨୬/୧୧ ମୁମ୍ବାଇ ବିସ୍ଫୋରଣ ସମୟରେ ମୁମ୍ବାଇରେ ଉପସ୍ଥିତ ଥିଲା ତହୱୁର । ଏହା ସହିତ ତହୱୁର କହିଛି, ନିଜ ସାଙ୍ଗ ଡେଭିଡ ହେଡଲି ସହ ପାକିସ୍ତାନ ସ୍ଥିତ ଲସ୍କର ଏ ତୋଏବାର ବହୁ ଆତଙ୍କୀ ତାଲିମ ଶିବିରରେ ଟ୍ରେନିଂ ନେଇଥିଲେ । କେବଳ ମୁମ୍ବାଇ ନୁହେଁ ଏହା ସହିତ ଦିଲ୍ଲୀ ଏବଂ ଅନ୍ୟ ବଡ଼ ସହରକୁ ଟାର୍ଗେଟ କରିବାରୁ ଯୋଜନା କରାଯାଇଥିଲା ବୋଲି ମାନିଛି । ୨୦୦୮ ରେ ହୋଇଥିବା ମୁମ୍ବାଇ ଆକ୍ରମଣ ପୂର୍ବରୁ ମମ୍ବାଇର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ରେକି କରିଥିଲା ରାଣା । ରାଣା ନିଜ ଇମିଗ୍ରେସନ ବିଜନେସ୍ ମାଧ୍ୟମରେ ହେଡଲିକୁ ଏକ ନକଲି ଅଫିସ ଖୋଲିବାକୁ ମଧ୍ୟ ସାହାଯ୍ୟ କରିଥିଲା । ଯେଉଁ ଅଫିସରେ ମୁମ୍ବାଇ ଆକ୍ରମଣର ସମ୍ପୂର୍ଣ୍ଣ ପ୍ଲାନିଂ କରାଯାଇଥିଲା । ଏବେ ଏନଆଇଏର କଷ୍ଟଡିରେ ଅଛି ତହୱୁର । ୨୦୦୮ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲା ତହୱୁର ରାଣା ଓ ଡେଭିଡ ହେଡଲି । ୪ ଏପ୍ରିଲରେ ଆମେରିକାର ସୁପ୍ରିମକୋର୍ଟ ପ୍ରତ୍ୟର୍ପଣ ବିରୋଧରେ ରାଣାଙ୍କ ସମୀକ୍ଷା ଆବେଦନକୁ ଖାରଜ କରିବା ପରେ ତାକୁ ଏପ୍ରିଲ ୧୦ରେ ଆମେରିକାରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା । ଏବେ ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣ ମାମଲାରେ ତାଙ୍କୁ ପଚରାଉଚରା କରାଯାଉଛି । ମୁମ୍ବାଇ ରାସ୍ତାରେ ଏବଂ ହୋଟେଲ ତାଜରେ ଘଟିଥିବା ଭୟଙ୍କର ରକ୍ତପାତରେ ଅତି କମରେ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ

ନୂଆଦିଲ୍ଲୀ : ପାକିସ୍ତାନର ବିଭିନ୍ନ ପ୍ରଦେଶରେ ଲଗାତାର ଆତଙ୍କବାଦୀ ଆକ୍ରମଣ ହେଉଛି । ଏଥି ସହ ସୈନିକ ଏବଂ ସାଧାରଣ ଲୋକ ନିହତ ମଧ୍ୟ ହେଉଛନ୍ତି । ପାକିସ୍ତାନରେ ବସିଥିବା ଆତଙ୍କବାଦୀମାନେ ନିରନ୍ତର ପାକିସ୍ତାନୀ ସେନା କର୍ମଚାରୀଙ୍କୁ ହତ୍ୟା କରୁଛନ୍ତି । ଏବେ, ଉତର-ପଶ୍ଚିମ ଖାଇବର ପଖତୁନଖ୍ୱା ପ୍ରଦେଶରେ, ପାକିସ୍ତାନୀ ତାଲିବାନ ଆତଙ୍କବାଦୀମାନେ ପାକିସ୍ତାନର ଅର୍ଦ୍ଧସାମରିକ ବାହିନୀର ତିନି ଜଣ ସୈନିକଙ୍କୁ ହତ୍ୟା କରିଛନ୍ତି । ସୂଚନା ଅନୁଯାୟୀ, ପାକିସ୍ତାନୀ ତାଲିବାନର ଆତଙ୍କବାଦୀମାନେ ତିନି ଜଣ ଅର୍ଦ୍ଧସାମରିକ ବାହିନୀ ସୈନିକଙ୍କୁ ଦୁଇ ଦିନ ଧରି ବନ୍ଧକ ରଖିଥିବା ଅଭିଯୋଗ ହୋଇଛି । ଏହା ପରେ ଆତଙ୍କବାଦୀମାନେ ସୈନିକମାନଙ୍କୁ ହତ୍ୟା କରିଥିଲେ । ରବିବାର ସ୍ଥାନୀୟ ପୋଲିସ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି । ପୋଲିସ କହିଛି ଯେ ପାହାଡ଼ି ଅ*ଳରେ ତିନି ଜଣ ଅର୍ଦ୍ଧସାମରିକ ବାହିନୀ ସୈନିକଙ୍କ ମୃତଦେହ ମିଳିଛି ।

## ତାଇୱାନରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼ ଡାନାସ, ୨ ମୃତ



ନୂଆଦିଲ୍ଲୀ : ତାଇୱାନରେ ମାଡ଼ ହେଲା ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ଡାନାସ । ଆଇଲାଣ୍ଡର ଘନ ଜନବସତି ବିଶିଷ୍ଟ ପଶ୍ଚିମ ଉପକୂଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଖବର ମୁତାବକ, ରବିବାର ବିଳମ୍ବିତ ରାତିରେ ପଶ୍ଚିମ ଉପକୂଳରେ ଟାଇଫୁନ୍ ସ୍ଥଳଭାଗ ଛୁଇଁଥିଲା । ୧୪୪ କିଲୋମିଟର ବେଗରେ ପବନ ବହିଥିଲା । ଡାନାସ୍ ଯୋଗୁଁ ୫,୮୦,୦୦୦ ରୁ ଅଧିକ ପରିବାର ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି । ତାଇୱାନର ଦକ୍ଷିଣ ଏବଂ କେନ୍ଦ୍ରୀୟ ଅଂଶରେ ସ୍କୁଲ ଏବଂ ଅଫିସ୍ ବନ୍ଦ ରହିଛି । ଜାତୀୟ ଅଗ୍ନିଶମ ସଂସ୍ଥା ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ସହର ତାଇୱାନରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି । ଜଣଙ୍କ ଉପରେ ଗଛରେ ପଡ଼ିବା ଯୋଗୁଁ ମୃତ୍ୟୁ ହୋଇଥିଲା । ସେହିପରି ଅନ୍ୟ ଜଣଙ୍କର ବିଦ୍ୟୁତ ଅଭାବରୁ ଭେ଼ିଲେଟର ଖରାପ ହୋଇଯିବାରୁ ମୃତ୍ୟୁ ହୋଇଥିଲା । ଅତି କମରେ ୫୦୦ ଜଣ ଆହତ ହୋଇଛନ୍ତି । ବିମାନ ଚଳାଚଳ ବାତିଲ ହେବା ଯୋଗୁଁ ତାଇୱାନର ବାହାର ଦ୍ୱୀପପୁଞ୍ଜ ପେଙ୍ଗୁ, ମାତ୍ସୁ ଏବଂ ଗ୍ରୀନରେ ହଜାର ହଜାର ପର୍ଯ୍ୟଟକ ଫସି ରହିଥିଲେ ।

## ଚାଇନାକୁ ଲାଗିଲା ଆଉ ଏକ ଝଟକା

ନୂଆଦିଲ୍ଲୀ/ବେଜିଂ : ଚାଇନାକୁ ପୁଣିଥରେ ବଡ଼ ଝଟକା ଲାଗିଛି । ସୋମବାର ଚାଇନା କହିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ତାଙ୍କ ୯୦ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ଏବଂ ଉତ୍ସବରେ ଭାରତୀୟ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ଭାରତ ନିକଟରେ ପ୍ରତିବାଦ ଜଣାଉଛି । ଏହା ମଧ୍ୟ ଗୁରୁତ୍ୱାରୋପ କରିଛି ଯେ ନୂଆଦିଲ୍ଲୀ ତିବ୍ବତ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ବେଜିଂର ସମ୍ବେଦନଶୀଳତାକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଉଚିତ । ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ଏଠାରେ ଏକ ଗଣମାଧ୍ୟମ ବ୍ରିଫିଂରେ କହିଛନ୍ତି ଯେ ତିବ୍ବତ ସମ୍ବନ୍ଧୀୟ ପ୍ରସଙ୍ଗରେ ଚାଇନା ସ୍ଥିତି ସ୍ଥିର ଏବଂ ସ୍ପଷ୍ଟ ଏବଂ ସମସ୍ତଙ୍କ ସମ୍ମୁଖରେ ଅଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦଲାଇ ଲାମାଙ୍କୁ ତାଙ୍କ ୯୦ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ଏବଂ ତାଙ୍କ ଜନ୍ମଦିନ ଉତ୍ସବରେ ବରିଷ୍ଠ ଭାରତୀୟ ଅଧିକାରୀଙ୍କ ଉପସ୍ଥିତି ସମ୍ପର୍କରେ ପ୍ରଶ୍ନର ଉତର ମାଓ ଦେଇଥିଲେ । ମାଓ ଅଭିଯୋଗ କରିଛନ୍ତି ଯେ ୧୪ତମ ଦଲାଇ ଲାମା ଜଣେ ରାଜନୈତିକ ନିର୍ବାସିତ । ସେ ଦୀର୍ଘ ସମୟ ଧରି ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି ଏବଂ ଧର୍ମର ଆବରଣରେ ଜିଜାଙ୍ଗକୁ ଚାଇନାରୁ ପୃଥକ କରିବାକୁ ଚେଷ୍ଟା କରୁଛନ୍ତି । ଏହା ଉଲ୍ଲେଖନୀୟ ଯେ ଚାଇନା ତିବ୍ବତକୁ ଜିଜାଙ୍ଗ ବୋଲି କହୁଛି । ସେ କହିଛନ୍ତି, 'ଭାରତ ଜିଜାଙ୍ଗ ସହିତ ଜଡିତ ପ୍ରସଙ୍ଗଗୁଡ଼ିକର ସମ୍ବେଦନଶୀଳତାକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଉଚିତ ଏବଂ ଚତୁର୍ଦ୍ଦଶ ଦଲାଇ ଲାମାଙ୍କ ବିଚ୍ଛିନ୍ନତାବାଦୀ ବିରୋଧୀ ସ୍ୱଭାବକୁ ଚିହ୍ନିବା ଉଚିତ ଏବଂ ଜିଜାଙ୍ଗ ସହିତ ଜଡିତ ପ୍ରସଙ୍ଗରେ ଚାଇନା ପ୍ରତି ଏହାର ପ୍ରତିବଦ୍ଧତାକୁ ସମ୍ମାନ କରିବା ଉଚିତ ।'

# ପାକିସ୍ତାନ ପ୍ରତି ବନ୍ଧୁ ଚାଇନାର ବଦଳିଲା ସ୍ୱର




ବ୍ରାସିଲିଆ : ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୫ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ଏହି ଶିଖର ସମ୍ମିଳନୀ ଅଧୀନରେ, ପଶ୍ଚିମ ଦେଶଗୁଡ଼ିକ ବିଶେଷକରି ଆମେରିକା, ଏହି ବାର୍ତା ପାଆନ୍ତି ଯେ, ଏହାର ସର୍ବୋଚ୍ଚତାକୁ ଚ୍ୟାଲେଞ୍ଜ କରିବା ପାଇଁ ଅନେକ ଦେଶ ଠିଆ ହୋଇଛନ୍ତି ।ଏଥର ଏହି ଶିଖର ସମ୍ମିଳନୀ ଭାରତ ପାଇଁ ମଧ୍ୟ ସ୍ୱତନ୍ତ୍ର । କାରଣ ସମସ୍ତ ଦେଶ ଆତଙ୍କବାଦ ଉପରେ ଏକାଠି ହୋଇଛନ୍ତି । ଶିଖର ସମ୍ମିଳନୀର ଘୋଷଣାପତ୍ରରେ ପାକିସ୍ତାନ ଦ୍ୱାରା ଭାରତରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରାଯାଇଛି, ଯାହାର ସିଧାସଳଖ ଅର୍ଥ ହେଉଛି ଯେ, ସେମାନେ ବିଶ୍ୱାସ କରନ୍ତି ଯେ ଏହି ଆକ୍ରମଣରେ ପାକିସ୍ତାନର ସିଧାସଳଖ ହାତ ଅଛି । ଏହି ଘୋଷଣାପତ୍ର ମଧ୍ୟ ସ୍ୱତନ୍ତ୍ର । କାରଣ ଏହା ପାକିସ୍ତାନର ଘନିଷ୍ଠ ବନ୍ଧୁ ହୋଇଥିବା ଚାଇନାର ଉପସ୍ଥିତିରେ ପ୍ରସ୍ତୁତ ହୋଇଛି । ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା ଅନ୍ତର୍ଭୁକ୍ତ । ଏହାର ବିସ୍ତାରିତ ରୂପରେ, ଆହୁରି କିଛି ଦେଶ ମଧ୍ୟ ସାମିଲ ହୋଇଛନ୍ତି ଏବଂ ଏକାଠି, ସମ୍ମିଳନୀର ଘୋଷଣାପତ୍ରରେ, ପହଲଗାମ ଆକ୍ରମଣକୁ ଉଲ୍ଲେଖ କରି, ସେମାନେ ଏହାକୁ ଏକ ନୃଶଂସ ଆତଙ୍କବାଦୀ ଘଟଣା ବୋଲି କହିଛନ୍ତି । ବ୍ରିକ୍ସ ଦେଶଗୁଡ଼ିକର ମିଳିତ ଘୋଷଣାପତ୍ରରେ, ଏପ୍ରିଲ ୨୨ ତାରିଖରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଧାରା ୩୪ ଅନୁଯାୟୀ, କଡ଼ା ନିନ୍ଦା କରାଯାଇଛି । ଏହି ଆକ୍ରମଣରେ ୨୬ ନିରୀହ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଗୁରୁତର ଆହତ ହୋଇଥିଲେ । ଘୋଷଣାପତ୍ରରେ ଏହି ଆକ୍ରମଣକୁ ଉଲ୍ଲେଖ କରି ଏହାକୁ 'ଆତଙ୍କବାଦର ନିଷ୍ଠୁର ଏବଂ ଅମାନବୀୟ କାର୍ଯ୍ୟ' ବୋଲି ବର୍ଣ୍ଣନା କରାଯାଇଛି । ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା କାରଣ ଏହି ମ*ରେ ଚାଇନା ମଧ୍ୟ ଉପସ୍ଥିତ ଥିଲା । ଯଦିଓ ସମଗ୍ର ଘୋଷଣାପତ୍ରରେ ପାକିସ୍ତାନର ନାମ ସିଧାସଳଖ କୌଣସି ସ୍ଥାନରେ ଉଲ୍ଲେଖ କରାଯାଇ ନାହିଁ, କିନ୍ତୁ ଆତଙ୍କବାଦୀଙ୍କ ସୀମାପାର ଗତିବିଧି, ଆତଙ୍କବାଦୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ଏବଂ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଭଳି ଶବ୍ଦ ନିଶ୍ଚିତ ଭାବରେ ଉଲ୍ଲେଖ କରାଯାଇଛି । ଏହି ଶବ୍ଦଗୁଡ଼ିକ ସିଧାସଳଖ ପାକିସ୍ତାନ ଆଡକୁ ଇଙ୍ଗିତ କରୁଛି । କୌଣସି ମୁକାବିଲା ବିନା ବିଶ୍ୱ ମ*ରେ ଆତଙ୍କବାଦର କେନ୍ଦ୍ରସ୍ଥଳ ପ୍ରତି ସମସ୍ତ ଦେଶର ଦୃଷ୍ଟି ଆକର୍ଷଣ କରାଯାଇଛି । ଘୋଷଣାପତ୍ରରେ ଆତଙ୍କବାଦ ଉପରେ ଏକ ଅତ୍ୟନ୍ତ କଠୋର ଦୃଷ୍ଟିକୋଣ ଗ୍ରହଣ କରାଯାଇଛି । ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଆତଙ୍କବାଦକୁ କୌଣସି ଧର୍ମ, ଜାତି କିମ୍ବା ନାଗରିକତା ସହିତ ଯୋଡ଼ିବା ସମ୍ପୂର୍ଣ୍ଣ ଅନୁପଯୁକ୍ତ । ଏହା ସହିତ, ସମସ୍ତ ସଦସ୍ୟ ଦେଶ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତିରେ ସହମତ ହୋଇଛନ୍ତି ଏବଂ ଜୋର ଦେଇଛନ୍ତି ଯେ, ଆତଙ୍କବାଦ ସହିତ ମୁକାବିଲା କରିବାରେ ଆଉ ଦ୍ୱୈତ ମାନଦଣ୍ଡ ଗ୍ରହଣ କରାଯିବ ନାହିଁ । ଚାଇନା ଉପସ୍ଥିତିରେ ପହଲଗାମ ଆକ୍ରମଣ ଉପରେ ଏହି ପ୍ରକାରର ଘୋଷଣା ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । କାରଣ ଏହା ପୂର୍ବରୁ ଚାଇନା ଏହି ପ୍ରସଙ୍ଗରେ କେବେବି ତାର ସକାରାତ୍ମକ ମନୋଭାବ ଦେଖାଇ ନ ଥିଲା ।

# ଅଭେଦ୍ୟ ଦୁର୍ଗରେ ପ୍ରଥମ ପ୍ରବେଶ

ବର୍ମିଂହାମ୍,୭।୭: ବିଶ୍ୱ କ୍ରିକେଟ୍‌ରେ ଯେଉଁ କିଛି ପଡ଼ିଆରେ ଭାରତ କେବେ ବିଜୟ ପାଇ ନଥିଲା ସେହି ତାଲିକାରୁ ରବିବାର କଟିଯାଇଛି। ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ ୫୮ ବର୍ଷର ସଂଘର୍ଷ ନବମ ପ୍ରୟାସରେ ସଫଳତା ଦେଇଛି। ଶୁବମନ ଗିଲ୍‌ଙ୍କ ଲିଡ୍‌ସ ସୁଯୋଗ ହାତଛଡ଼ାର ଦୁଃଖ କିନ୍ତୁ ବର୍ମିଂହାମ୍‌ରେ ଲିଭିଯାଇଛି ୫ ମ୍ୟାଚ୍ ତେନ୍ଦୁଲକର ଆଣ୍ଡରସନ୍ ଶୃଙ୍ଖଳା ବି ୧-୧ ସ୍ତରକୁ ଚାଲି ଆସିଛି। ଗୋଟିଏ ବହୁ ପ୍ରତୀକ୍ଷିତ ବିଜୟ ମିଳିଥିଲା ବି ଏକାଧିକ ବ୍ୟକ୍ତିଗତ ଓ ଦଳଗତ ରେକର୍ଡ ଏହି ମ୍ୟାଚ୍‌କୁ ଅନେକ ବର୍ଷ ଯାଏ ସ୍ମରଣୀୟ ରଖିବାକୁ ଯାଉଛି।

୨୫ ବର୍ଷ ଓ ୩୦୧ ଦିନ ବୟସରେ ଶୁବମନ ଗିଲ୍ ସର୍ବକନିଷ୍ଠ ଭାରତୀୟ ଅଧିନାୟକ ଭାବେ ଏକ ବିଦେଶ ମାଟିରେ ବିଜୟ ଦେଇଛନ୍ତି। ପୂର୍ବ ସର୍ବକନିଷ୍ଠ ଅଧିନାୟକ ଥିଲେ ସୁନୀଲ ଗାଭାସ୍କର। ୧୯୭୬ରେ ଗାଭାସ୍କର ଅଧିନାୟକ ଭାବେ ୨୬ ବର୍ଷ ୨୦୨ ଦିନରେ ବିଜୟ ପାଇଥିଲେ। ଭାରତ ମଧ୍ୟ ପ୍ରଥମ ଏସୀୟ ଦଳ ଭାବେ ଏଜ୍‌ବାଷ୍ଟନ୍‌ରେ ବିଜୟ ଖାତା ଖୋଲିଛି। ଏଥି ପାଇଁ ମିଳିତ ଭାବେ ଏସୀୟ ଦଳକୁ ୧୯ ଟେଷ୍ଟ ଖେଳିବାକୁ ପଡ଼ିଛି। ୧୯୮୨ରେ ଲର୍ଡସରେ ପାକିସ୍ତାନ ପ୍ରଥମ ବିଜୟ ପାଇବା ବେଳକୁ ଏସୀୟ ଦଳ ସେଠାରେ ୧୭ ମ୍ୟାଚ୍ ଖେଳିଥିଲେ। ପୂର୍ବରୁ ୨୦୨୧ରେ ଗାବାରେ ଭାରତ ପ୍ରଥମ ବିଜୟ ବେଳକୁ ଏହା ୧୬ତମ ଏସୀୟ ମ୍ୟାଚ୍ ଏବଂ ୨୦୨୪ରେ କେପ୍‌ଟାଉନ୍‌ର




ନ୍ୟୁଲାଣ୍ଡ୍‌ସରେ ବିଜୟ ବେଳକୁ ୧୫ତମ ଏସୀୟ ମ୍ୟାଚ୍ ଥିଲା।

ବର୍ମିହାମରେ ଭାରତର ୩୩୬ ରନ୍ ମଧ୍ୟ ବିଦେଶ ମାଟିରେ ସବୁଠାରୁ ବଡ଼ ବିଜୟ ହୋଇଛି। ଭାରତ ପାଇଁ ପୂର୍ବରୁ ବିଦେଶରେ ସର୍ବାଧିକ ରନ୍ ବ୍ୟବଧାନ ବିଜୟ ଥିଲା ୩୧୮, ଯାହାକି ଦଳ ୨୦୧୬ରେ ନର୍ଥସାଉଣ୍ଡ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପାଇଥିଲା। ୨୦୧୭ରେ ଗାଲେରେ ୩୦୪ ରନ୍‌ରେ ଶ୍ରୀଲଙ୍କାକୁ, ୨୦୨୪ରେ ପର୍ଥରେ ଅଷ୍ଟ୍ରେଲିଆକୁ ୨୯୫ ରନ୍‌ରେ ଏବଂ ୧୯୮୬ରେ ଲିଡ୍‌ସରେ ଇଂଲଣ୍ଡକୁ ୨୭୯ ରନ୍‌ରେ ପରାସ୍ତ କରିଥିଲା। ଆକାଶ ଦୀପଙ୍କ ମ୍ୟାଚ୍ ଫିଗର ୧୦/୧୮୭ (୪/୮୮ ଓ ୬/୯୯) ଇଂଲଣ୍ଡରେ ଭାରତ ପାଇଁ ଶ୍ରେଷ୍ଠ। ୧୯୮୬ରେ ସେହି ବର୍ମିଂହାମରେ ଚେତନ ଶର୍ମା ୧୦/୧୮୮, ୨୦୨୧ରେ ଯଶପ୍ରୀତ ବୁମ୍ରା ୯/୧୧୦ ଏବଂ ୨୦୦୭ରେ ଟ୍ରେଣ୍ଟବ୍ରିଜ୍‌ରେ ଜାହିର୍ ଖାନ୍ ୯/୧୩୪ ଚିତ୍ର ପାଇଥିଲେ।

ସଂକ୍ଷିପ୍ତ ସ୍କୋର: ଭାରତ ପ୍ରଥମ ପାଳି: ୫୮୭ (ଶୁବମନ ଗିଲ୍-୨୬୯, ରବୀନ୍ଦ୍ର ଜାଡ଼େଜା-୮୯, ଯଶସ୍ୱୀ ଜୟସ୍ୱାଲ-୮୭, ସୋଏବ୍ ବର୍ଶି-୩/୧୬୭, କ୍ରିସ୍ ୱ-୨/୮୧, ଜୋସ୍ ଟଙ୍ଗ୍-୨/୧୧୯) ଇଂଲଣ୍ଡ ପ୍ରଥମ ପାଳି: ୪୦୭ (ଜାମି ସ୍ମିଥ୍-୧୮୪ଅ, ହ୍ୟାରି ବ୍ରୁକ୍-୧୫୮, ମହମ୍ମଦ ସିରାଜ-୬/୭୦, ଆକାଶ ଦୀପ-୪/୮୮) ଭାରତ ଦ୍ୱିତୀୟ ପାଳି: ୮୩ ଓଭରରେ ୪୨୭/୬, ଘୋଷଣା (ଶୁବମନ ଗିଲ୍-୧୬୧, ରବୀନ୍ଦ୍ର ଜାଡ଼େଜା-୬୯ଅ, ଋଷଭ ପନ୍ତ-୬୫, କେଏଲ୍ ରାହୁଲ୍-୫୫, ଯଶସ୍ୱୀ ଜୟସ୍ୱାଲ-୨୮, ଜୋସ୍ ଟଙ୍ଗ୍-୨/୯୩, ଶୋଏବ୍ ବର୍ଶି-୨/୧୧୯, ବ୍ରାଏଡନ୍ କାର୍ସ-୧/୫୬, ଜୋ ରୁଟ୍-୧/୬୫) ଇଂଲଣ୍ଡ ଦ୍ୱିତୀୟ ପାଳି : ୬୮.୧ ଓଭରରେ ୨୭୧/୧୦ (ଜାମି ସ୍ମିଥ୍-୮୮, ବ୍ରାଏଡନ୍ କାର୍ସ-୩୮, ବେନ୍ ଷ୍ଟୋକ୍ସ-୩୩, ହାରି ବ୍ରୁକ୍-୨୩, ବେନ୍ ଡକେଟ୍-୨୫, ଓଲି ପୋପ୍-୨୪, ଆକାଶ ଦୀପ-୬/୯୯, ୱିଚନ୍ ସୁନ୍ଦର-୧/୨୮, ପ୍ରସିଦ୍ଧ କୃଷ୍ଣ-୧/୩୯, ରବୀନ୍ଦ୍ର ଜାଡ଼େଜା-୧/୪୦, ମହମ୍ମଦ ସିରାଜ-୧/୫୭)।

## ଏସୀୟ ପାରା ଚାମ୍ପିୟନସିପରେ ଦ୍ୱିତୀୟ ସ୍ଥାନରେ ଭାରତ

ବେଜିଂ,୭।୭: ବେଜିଂରେ ଅନୁଷ୍ଠିତ ୨୦୨୫ ଏସୀୟ ପାରା ଆର୍ଚେରୀ ଚାମ୍ପିୟନସିପରେ ଭାରତୀୟ ପାରା-ଆର୍ଚରମାନେ ଦମଦାର ପ୍ରଦର୍ଶନ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ପାରାଲିମ୍ପିକ ଚାମ୍ପିୟନ ହରବିନ୍ଦର ସିଂହଙ୍କ ନେତୃତ୍ୱରେ ଭାରତ ମୋଟ ୯ଟି ପଦକ (୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ କାଂସ୍ୟ) ଜିତି ମେଡାଲ ତାଲିକାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଚୀନ ଏହି ଚାମ୍ପିୟନସିପରେ ୧୦ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ ସ୍ଥାନରେ ରହିଛି।



ପାରାଲିମ୍ପିକ ଚାମ୍ପିୟନ ହରବିନ୍ଦର ସିଂହ ଏହି ଚାମ୍ପିୟନସିପରେ ଅସାଧାରଣ ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପୁରୁଷ ରିକର୍ଭ ଯୋଗ୍ୟତା ପର୍ଯ୍ୟାୟରେ ଥାଇଲାଣ୍ଡର ନେଟସିରି ହାନରୁଟଇଙ୍କୁ ୭-୧ ସ୍କୋରରେ ହରାଇ ନିଜର ପ୍ରଥମ ଏସୀୟ ଚାମ୍ପିୟନସିପ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ସହିତ ସେ ଭାଗ୍ନାଙ୍କ ସହ ମିଶ୍ର ରିକର୍ଭ ଟିମ ଇଭେଣ୍ଟରେ ମଧ୍ୟ ଚୀନକୁ ଏକ ରୋମାଞ୍ଚକର ଶୁଟ-ଅଫରେ ୫-୪ ସ୍କୋରରେ ପରାସ୍ତ କରି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ହରବିନ୍ଦର ଏହି ଚାମ୍ପିୟନସିପରେ ମୋଟ ୩ଟି ପଦକ ଜିତିଛନ୍ତି, ଯେଉଁଥିରେ ପୁରୁଷ ରିକର୍ଭ ଟିମ ଇଭେଣ୍ଟରେ ବିବେକ ଚିକାରାଙ୍କ ସହ ଏକ ରୌପ୍ୟ ପଦକ ମଧ୍ୟ ସାମିଲ ରହିଛି।

ଭାରତର ଅନ୍ୟ ପାରା-ଆର୍ଚରମାନେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଶୀତଳ ଦେବୀ ଓ ଜ୍ୟୋତି ମହିଳା କମ୍ପାଉଣ୍ଡ ଟିମ ଇଭେଣ୍ଟରେ ଚୀନକୁ ୧୪୮-୧୪୩ ସ୍କୋରରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜ୍ୟୋତି ବାଲିୟାନ ମହିଳା କମ୍ପାଉଣ୍ଡ ଓପନ ବ୍ୟକ୍ତିଗତ ଇଭେଣ୍ଟରେ ଇଣ୍ଡୋନେସିଆର ତେଓଦୋରା ଫେରେଲିଙ୍କୁ ୧୪୪-୧୩୩ ସ୍କୋରରେ ହରାଇ କାଂସ୍ୟ ପଦକ ଜିତିଛନ୍ତି। ରାକେଶ କୁମାର ଓ ଶ୍ୟାମ ସୁନ୍ଦର ସ୍ୱାମୀଙ୍କ ଯୋଡ଼ି ପୁରୁଷ କମ୍ପାଉଣ୍ଡ ଓପନ ଟିମ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ବେଳେ ରାକେଶ ଓ ଜ୍ୟୋତିଙ୍କ ମିଶ୍ର କମ୍ପାଉଣ୍ଡ ଟିମ ମଧ୍ୟ ରୌପ୍ୟ ପଦକ ହାସଲ କରିଛି। ୩୩ ବର୍ଷୀୟ ହରବିନ୍ଦର ସିଂହ ନିଜର ଅଦମ୍ୟ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ଦ୍ୱାରା ଏହି ସଫଳତା ହାସଲ କରିଛନ୍ତି। ମାତ୍ର ଦେଢ଼ ବର୍ଷ ବୟସରେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେବା ପରେ ଏକ ଇଞ୍ଜେକ୍ସନର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ତାଙ୍କ ଗୋଡ଼ର କାର୍ଯ୍ୟକ୍ଷମତା ହରାଇଥିଲେ। ତଥାପି, ୨୦୧୨ ଲଣ୍ଡନ ପାରାଲିମ୍ପିକ ଦେଖି ପ୍ରେରିତ ହୋଇ ସେ ଆର୍ଚେରୀକୁ କ୍ୟାରିୟର ଭାବେ ବାଛିଥିଲେ। ୨୦୧୮ ଏସୀୟ ପାରା ଗେମ୍ସରେ ସ୍ୱର୍ଣ୍ଣ, ୨୦୨୧ ଟୋକିଓ ପାରାଲିମ୍ପିକରେ କାଂସ୍ୟ ଓ ୨୦୨୪ ପ୍ୟାରିସ ପାରାଲିମ୍ପିକରେ ଭାରତର ପ୍ରଥମ ଆର୍ଚେରୀ ସ୍ୱର୍ଣ୍ଣ ପଦକ ଜିତି ହରବିନ୍ଦର ଇତିହାସ ରଚିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ୨୦୨୫ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି।




ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ଦ୍ରୁତତମ ତ୍ରିଶତକ ହାସଲକାରୀ ଦକ୍ଷିଣ ଆଫ୍ରିକାର ୱିହାନ୍ ମୁଲ୍‌ଡର। ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ମୁଲ୍‌ଡର ରେକର୍ଡ ୩୬୭ ରନ୍‌ର ଅପରାଜିତ ଇଂନିସ ଖେଳିଛନ୍ତି।

## ବଡ଼ ଭଉଣୀଙ୍କୁ ବିଜୟ ସମର୍ପି ଦେଲେ ଆକାଶଦୀପ

ନୂଆଦିଲ୍ଲୀ,୭।୭: ଏଜବାଷ୍ଟନ୍ ଟେଷ୍ଟ ମ୍ୟାଚରେ କ୍ରିକେଟ୍ ପଡ଼ିଆରେ ଚମତ୍କାର ବୋଲିଂ କରି କ୍ରିକେଟର ଆକାଶଦୀପ ବେଶ ଲୋକପ୍ରିୟତା ସାଉଁଟିଛନ୍ତି। ଆକାଶଦୀପ ଭାରତୀୟ ଟିମର ଏହି ବିଜୟକୁ ତାଙ୍କ ବଡ଼ ଭଉଣୀ ଅଖଣ୍ଡ ଜ୍ୟୋତି ସିଂହଙ୍କୁ ସମର୍ପିତ କରିଛନ୍ତି। ଆକାଶଦୀପ ତାଙ୍କ ବଡ଼ ଭଉଣୀଙ୍କ ବିଷୟରେ ଆଲୋଚନା କରି କହିଛନ୍ତି, ମୋ ଭଉଣୀ ତୃତୀୟ ପର୍ଯ୍ୟାୟ କର୍କଟ ରୋଗରେ ପୀଡ଼ିତ ଅଛନ୍ତି।

ଅଖଣ୍ଡ ଜ୍ୟୋତି ସିଂହ ଭାଇ ଆକାଶଦୀପଙ୍କ ସଫଳତାକୁ ନେଇ କହିଛନ୍ତି, ଆକାଶଦୀପ ପରିବାରର ସବୁ ଦୁଃଖକଷ୍ଟ ବୁଝିଥାଏ। ମୁଁ ତ କହିବି ଏମିତି ଭାଇ ସମସ୍ତଙ୍କୁ ମିଳୁ। ମୁଁ ଭାଇକୁ ବାସ ଏତିକି କହିଥିଲି ଯାହା କରିବୁ ଭଲ କରିବୁ। ଯାହା କରିବୁ ଦେଶ ପାଇଁ କରିବୁ। ମୋର କି ପରିବାରର ଚିନ୍ତା କରିବୁ ନାହିଁ। ଆଜି ଭାଇ ଯେଉଁ ସ୍ଥାନରେ ବି ପହଞ୍ଚି ସେଥିପାଇଁ ସେ ବହୁତ କଷ୍ଟ କରିଛି।

ଗର୍ବର ସହ କହିବି ଭାରତ ପାଇଁ ଗୋଟିଏ ମ୍ୟାଚରେ ଭାଇ ମୋର ୧୦ଟି ଉଇକେଟ ନେଇଛି। ମ୍ୟାଚ ଶେଷ ହେବା ପରେ ଭାଇ ଭିଡିଓ କଲ କରି କହିଥିଲା କି ସେ ମୋତେ ଦେଇଥିବା କଥା ରଖିଛି। ମୁଁ କର୍କଟ ପୀଡ଼ିତା। ଏ ବିଷୟରେ ଆମେ କାହାକୁ ଜଣାଇବାକୁ ଚାହୁଁ ନଥିଲୁ। କିନ୍ତୁ ଭାଇ ଭାବବିହ୍ୱଳ ହୋଇ ସବୁକିଛି ଜଣାଇ ଦେଇଛି। ଖୁସି ଲାଗୁଛି ସେ ଏତେ ବ୍ୟସ୍ତ ଥାଇବି ପରିବାର ବିଷୟରେ ଚିନ୍ତା କରୁଛି।

## ୪୪ ବର୍ଷରେ ପାଦ ଥାପିଲେ ଧୋନୀ



ରାଞ୍ଚି: ଆଜି କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କ ଜନ୍ମଦିନ ୪୪ ବର୍ଷରେ ପାଦ ଦେଲେ ମାହି କ୍ୟାପଟେନ୍ କୁଲ୍ ଭାବେ ପରିଚିତ ଏମଏସ ଧୋନୀ ମ୍ୟାଚର ବେଷ୍ଟ ଫିନିସର କୌଣସି ବି ମ୍ୟାଚ୍ ଆପଣ ଦେଖିବେ ଯଦି ଧୋନୀ ଶେଷ ଯାଏଁ ଥିବେ ତାହାଲେ ସିଏ ଦଳକୁ ବିଜୟ ସହ ଏକ ସୁନ୍ଦର ଛକା, ଚୌକା ସହ ଫିନିସ୍ କରିଥିବାର ଅନେକ ନଜିର ରହିଛି। ତେବେ ପୂର୍ବତନ ଭାରତୀୟ କ୍ରିକେଟର ଧୋନୀ ଡାହାଣ ହାତି ବ୍ୟାଟର ହୋଇଥିବା ବେଳେ ୱିକେଟ୍ କିପର ଭାବେ ତାଙ୍କ ଦକ୍ଷତା ଦେଖିଛି ଦୁନିଆ । ଟିମ୍ ଇଣ୍ଡିଆକୁ ଅନେକ ସଫଳତା ଆଣି ଦେଇଥିବା ଧୋନୀଙ୍କର ଆଜି ଜନ୍ମଦିନ ୧୯୮୧ ଜୁଲାଇ ୭ ତାରିଖରେ ରାଞ୍ଚିରେ ଜନ୍ମ ଗ୍ରହଣ କରିଥିବା ମହେନ୍ଦ୍ର ସିଂ ଧୋନୀଙ୍କୁ ଇତି ମଧ୍ୟରେ ୪୪ ଛୁଇଁଛି। ସେପଟେ ଆଜି ସକାଳେ କେକ୍ କାଟି ନିଜ ଜନ୍ମଦିନ ଧୋନୀ ପାଳିଥିବା ବେଳେ ତାଙ୍କ ବାସଭବନ ସାମ୍ନାରେ ପ୍ରଶଂସକଙ୍କ ଭିଡ ଜମିଛି। ରାଞ୍ଚି ସ୍ଥିତ ତାଙ୍କ ବାସଭବନ ଆଗରେ ଏମଏସ ଧୋନୀ ଫ୍ୟାନ୍ କ୍ଲବର ସଦସ୍ୟମାନେ କେକ୍ କାଟି ଜନ୍ମଦିନ ପାଳନ କରୁଥିବା ଦେଖିବାକୁ ମିଳିଛି।

### ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା

## ଓଡିଶା ପୋଲିସ କ୍ରୀଡ଼ାବିତଙ୍କୁ ୨୦ ପଦକ

ଭୁବନେଶ୍ୱର,୭।୭: ଯୁକ୍ତରାଷ୍ଟ୍ର ଆମେରିକାର ବିର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର କ୍ରୀଡାବିତମାନେ ନିରନ୍ତର ଭାବେ ସଫଳତା ହାସଲ କରି ଚାଲିଛନ୍ତି। ଏହି କ୍ରମରେ ଆଜି ୨ ଜଣ ଯୁବ କ୍ରୀଡାବିତ ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ସୁସ୍ମିତା ଟିଗା ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇ ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଡିଶା ପୋଲିସର କ୍ରୀଡ଼ାବିତମାନେ ଗତ ଛଅ ଦିନ ମଧ୍ୟରେ ୧୩ଟି ସ୍ୱର୍ଣ୍ଣ ପଦକ, ୩ଟି ରୌପ୍ୟ ପଦକ ଓ ୪ ଟି ବ୍ରୋ□ ପଦକ ସହ ମୋଟ ୨୦ଟି ପଦକ ବିଜୟୀ ହୋଇ ଐତିହାସିକ ସଫଳତା ଲାଭ କରିଛନ୍ତି।

କନଷ୍ଟେବଲ ଅଶୋକ ଦଣ୍ଡସେନା ପୁରୁଷ ବିଭାଗ ୨୧ କିଲୋମିଟର ହାଫ ମାରାଥନ୍ ଦୌଡ ଓ ୨୧ କିଲୋମିଟର ହାଫ ମାରାଥନ୍ ଦୌଡ (ଟିମ ଇଭେଣ୍ଟ)ରେ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ପୂର୍ବରୁ ସେ ୮୦୦ ମିଟର, ୧୫୦୦ ମିଟର, ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ ଓ ୩୦୦୦ ମିଟର ଷ୍ଟିପଲଚେଜ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଏବଂ ୪୦୦ସ୍ଥ୪୦୦ ରିଲେରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ।

ଅନୁରୂପ ଭାବେ କନଷ୍ଟେବଲ ସୁସ୍ମିତା ଟିଗା ମହିଳା ବିଭାଗ ୨୧ କିଲୋମିଟର ହାଫ ମାରାଥନ୍ ଦୌଡରେ ରୌପ୍ୟ ପଦକ ବିଜୟୀ ହୋଇ ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି ପୂର୍ବରୁ ସେ ୧୫୦୦ ମିଟର ଦୌଡ଼ ଓ ୩୦୦୦ ମିଟର ଷ୍ଟିପଲଚେଜରେ ସ୍ୱର୍ଣ୍ଣ ପଦକ, ୮୦୦ ମିଟର ଦୌଡରେ ରୌପ୍ୟ ପଦକ ଏବଂ ୪୦୦ଅ୪୦୦ ରିଲେରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।ଏହି ଯୁବ ଖେଳାଳିମାନଙ୍କ ନିଷ୍ଠା, ଆଗ୍ରହ, ଦୃଢ଼ତା ଏବଂ ପରିଶ୍ରମ ଦେଶ ତଥା ରାଜ୍ୟକୁ ଗର୍ବିତ କରିଛି

ଏହି ଯୁବ କ୍ରୀଡ଼ାବିତ ମାନଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ। ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ସେମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅସାଧାରଣ କ୍ରୀଡା କୌଶଳ ପ୍ରଦର୍ଶନ କରିବା ସହ ଓଡ଼ିଶା ପୋଲିସର ସୁନାମ ବଢ଼ାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶଗ୍ରହଣ କରିଥାନ୍ତି।

### ପୁରୁଷ ଯୁଗଳ ତୃତୀୟ ରାଉଣ୍ଡ୍‌ରେ ଭାମ୍ରି-ଗଲୋଣ୍ଟୋ

ଭୁବନେଶ୍ୱର,୭।୭: ୱିମ୍ବଲଡନ୍ ଓପନ୍‌ର ପୁରୁଷ ଯୁଗଳରେ ଭାରତର ଯୁକି ଭାମ୍ବ୍ରି ଓ ଆମେରିକାର ରୋବର୍ଟ ଗଲୋଟ ତୃତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ୍‌ରେ ଏହି ଭାରତ-ଆମେରିକା ଯୋଡ଼ି ପର୍ତ୍ତୁଗାଲର ନୁନୋ ବର୍ଗେସ୍ ଓ ଆମେରିକାର ମାର୍କୋସ୍ ଗିରନଙ୍କୁ ୬-୩, ୭-୬(୮-୬)ରେ ପରାସ୍ତ କରିଛନ୍ତି। ଭାମ୍ବ୍ରିଙ୍କ ମିଶ୍ରିତ ଯୁଗଳ ଅଭିଯାନ ମଧ୍ୟ ଜାରି ରହିଛି। ଚୀନର ଜିଆଙ୍ଗ ଜିନୟୁ ଓ ସେ ପ୍ରଥମ ରାଉଣ୍ଡ୍‌ରେ ଆମେରିକାର ନିକୋଲ ମେଲିଚର ମାର୍ଟିନେଜ୍ ଓ କ୍ରିଷ୍ଟିଆନ ହାରିସନଙ୍କୁ ୬-୩, ୧-୬, ୭-୬ (୧୦-୬)ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି।

### ଯଙ୍ଗ ଷ୍ଟାର ଫୁଟବଲ ଟୁର୍ଣାମେଣ୍ଟ

## ଧର୍ମଶାଳା ଚାମ୍ପିଅନ୍

ବରୀ,୭।୭: ବରୀ ବ୍ଲକ ଅନ୍ତର୍ଗତ କୃପାସିନ୍ଧୁ ବିଦ୍ୟାଭବନ ଖେଳ ପଡିଆରେ ଯଙ୍ଗ ଷ୍ଟାର ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଇଯାଇଛି। ଦଶମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଏହି ଫାଇନାଲ ମ୍ୟାଚରେ ଯଙ୍ଗ ଷ୍ଟାର ଆଥେଲେଟିକ ଆସୋସିଏସନ ବରୀ ସହିତ ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ର ମୁକାବିଲା ହୋଇଥଲା ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଯଙ୍ଗ ଷ୍ଟାର




ଆଥେଲେଟିକ ଆସୋସିଏସନକୁ ୩-୦ ଗୋଲ ରେ ପରାସ୍ତ କରି ଚାମ୍ପିୟନ ହୋଇଥଲା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି,ରମ୍ଭା ସରପ□ ମାନସ କୁମାର ଜେନା, ବିଜୟ କିଶୋର ସାହାଣୀ, ସମାଜ ସେବୀ ଅରବିନ୍ଦ ମହାନ୍ତି,ଭକ୍ତ ବନ୍ଧୁ ନାୟକ, ଭରତ ସେଠୀ, ମନୋଜ ସିଂ ଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ବିଧାୟକ ଶ୍ରୀ ମଲ୍ଲିକ ଖେଳାଳି ମାନଙ୍କୁ ପଡିଆ। ଭିତରକୁ ଯାଇ ଖେଳାଳୀ ମାନଙ୍କ ସହିତ ହାତ ମିଳାଇ ସେମାନଙ୍କୁ ସୁଭେଚ୍ଛା ଜଣାଇ ଥିଲେ ଏହି କାର୍ଯ୍ୟକ୍ରମ ରେ କମେଟେଷ୍ଟର ଭାବେ କେଦାର ମଲ୍ଲୀକ ଓ ଆଲମ ଅକ୍ତର ଖାନ ଦାୟିତ୍ୱ ତୁଲାଇ ଥିବାବେଳେ ଶିବଶଙ୍କର ଜେନା ମଂଚ ପରିଚାଳନା କରିଥିଲେ।

# ଅନିମେଷ ଦ୍ରୁତତମ ଭାରତୀୟ

ଭୁବନେଶ୍ୱର,୭।୭: ଓଡ଼ିଶାର ଅନିମେଷ କୁଜୁର ଭାରତର ଦ୍ରୁତତମ ଧାବକ ହେବାର ଗୌରବ ଅର୍ଜନ କରିଛନ୍ତି। ଗ୍ରିସ୍‌ରେ ଆୟୋଜିତ ଡ୍ରୋମିଆ। ଅନ୍ତର୍ଜାତୀୟ ସ୍ପ୍ରିଣ୍ଟ୍ ଓ ରିଲେ ପ୍ରତିଯୋଗିତାରେ ଏହି ଭାରତୀୟ ଧାବକ ୧୦୦ ମିଟର ରେସ୍‌କୁ ୧୦.୧୮ ସେକେଣ୍ଡ୍‌ରେ ଶେଷ କରି ଫାଇନାଲ୍ ବି ଜିତିଥିଲେ। ଏଥିସହ ଅନିମେଷ ଜାତୀୟ ରେକର୍ଡ କରିବା

### ୧୦୦ ମିଟରରେ କଲେ ଜାତୀୟ ରେକର୍ଡ

ସହ ପ୍ରଥମ ଭାରତୀୟ ଭାବେ ୧୦.୨ ସେକେଣ୍ଡ୍ ତଳେ ରେସ୍ ଶେଷ କରିବାର ଗୌରବ ଅର୍ଜନ କରିଥିଲେ। ନିଜର ବ୍ୟକ୍ତିଗତ ଶ୍ରେଷ୍ଠ (୧୦.୨୭)ଠୁ ୦.୦୯ ସେକେଣ୍ଡ ଉନ୍ନତି କରି ୨୨ ବର୍ଷୀୟ ଅନିମେଷ ପୂର୍ବରୁ ଗୁରିନ୍ଦରବୀର ସିଂହ (୧୦.୨୦ ସେକେଣ୍ଡ)ଙ୍କ ନାମରେ ଥିବା ଜାତୀୟ ରେକର୍ଡକୁ ପଛରେ ପକାଇଥିଲେ। ଗୁଲବୀର ବେଙ୍ଗାଲୁରୁରେ ଚଳିତ ବର୍ଷ ଆୟୋଜିତ ଇଣ୍ଡିଆନ୍ ଗ୍ରାଁପ୍ରି ୧ରେ ଏହି ରେକର୍ଡ କରିଥିଲେ ୨୦୦ ମିଟର ଦୌଡ଼ ଜାତୀୟ ରେକର୍ଡ ୨୦.୩୨ ସେକେଣ୍ଡ ମଧ୍ୟ ଅନିମେଷଙ୍କ ନାମରେ ରହିଛି। ସେ ଗୁମିରେ ଆୟୋଜିତ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଜାତୀୟ ରେକର୍ଡ ସହ କାଂସ୍ୟ ଜିତିଥିଲେ। ସେ ମଧ୍ୟ ଜାତୀୟ ରିଲେ କାର୍ଣ୍ଣିଭାଲ୍‌ରେ ରେକର୍ଡ କରିଥଇବା ଭାରତୀୟ ପୁରୁଷ ୪ଗୁଣା ୧୦୦ ମିଟର (୩୮.୬୯ ସେକେଣ୍ଡ) ଦଳରେ ସଦସ୍ୟ ଥିଲେ।




ଭାରି କେ ବାଗ୍‌ଲାଜିସ୍‌ସ୍ଥିତ ମ୍ୟୁନିସପାଲ ଷ୍ଟାଡିୟମ୍‌ରେ ହୋଇଥିବା ୧୦୦ ମିଟର ଫାଇନାଲ୍ ବିରେ ଅନିମେଷ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ଗ୍ରିକ୍ ଧାବକ ସୋଟିରିଓସ୍ ଜାରାଗାନିସ୍ (୧୦.୨୩) ଦ୍ୱିତୀୟ ଓ ଫିନ୍‌ଲାଣ୍ଡ୍‌ର ସାମୁଲି ସାମୁଏଲସନ୍ (୧୦.୨୮) ତୃତୀୟ ସ୍ଥାନରେ ରହିଥିଲେ। ହେଲେ ମୋଟ ଉପରେ ଅନିମେଷ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଆଗରେ ଦକ୍ଷିଣ ଆଫ୍ରିକାର ବେଞ୍ଜାମିନ୍ ରିଚର୍ଡସନ୍ (୧୦.୦୧) ଏବଂ ଓମାନ୍‌ର ଅଲୀ ଅନାର ଅଲ୍-ବାଲୁସି (୧୦.୧୨) ରହିଥିଲେ ।ଫାଇନାଲ୍ ଏରେ ଓଡ଼ିଶା ତଥା ଭରତର ଦୁଇ ଧାବିକା ଲାଲୁ ଭୋଇ (୧୦.୪୨) ଓ ମୃତ୍ୟୁମ ଜୟରାମ ଦଣ୍ଡପତି (୧୦.୪୭) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ [illegible] ୨୦୦ ମିଟରେ ଅନିମେଷ (୨୦.୭୩) ସପ୍ତମରେ ରହିଥିଲା ବେଳେ ତାଙ୍କ ଭାରତୀୟ ସାଥୀ ମଣିକାନ୍ତ ହୋବଲିଧର (୨୧.୨୮) ଏକାଦଶ ସ୍ଥାନ ଅଧିକାର କରିଥିଲେ। ଅନିମେଷ, ଲାଲୁ, ଜୟରାମ ଓ ଗୁରିନ୍ଦରବୀରଙ୍କୁ ନେଇ ଗଠିତ ୧୦୦ ମିଟର ରିଲେ ଦଳ ୩୯.୯୯ ସେକେଣ୍ଡ୍ ସହ ତୁର୍କି ପଛକୁ ଦ୍ୱିତୀୟରେ ରହିଥିଲା ମହିଳାରେ ମେମିତା ମଣ୍ଡଳ ବ୍ୟକ୍ତିଗତ ଶ୍ରେଷ୍ଠ ସମୟ ୧୩.୨୪ ସେକେଣ୍ଡ ସହ ୧୦୦ ମିଟର ବାଧାଦୌଡ଼ରେ ବିଜେତା ହୋଇଥିଲା।

# ୱିମ୍ବଲଡନ୍ ଓପନ୍ : ଜୋକୋଭିକ୍‌ଙ୍କ ଶତକୀୟ ବିଜୟ



ଲଣ୍ଡନ,୭।୭: ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତା ୱିମ୍ବଲଡନ୍‌ର ଅଲ୍ ଇଂଲଣ୍ଡ ଲନ୍‌ରେ ୭ଥର ବିଜେତା ସର୍ବିୟାର ନୋଭାକ ଜୋକୋଭିକ୍ ଶତକୀୟ ଏକକ ବିଜୟ ହାସଲ କରିଛନ୍ତି ୨୫ତମ ଗ୍ରାଣ୍ଡସ୍ଲାମ୍ ବିଜୟ ଲକ୍ଷ୍ୟରେ ଥିବା ଏହି ମହାନ କ୍ରୀଡ଼ା ତାରକା ଚଳିତ ୱିମ୍ବଲଡନ୍‌ର ତୃତୀୟ ରାଉଣ୍ଡ୍‌ରେ ନିଜ ଦେଶର ମିଲୋମିର କେକମାନୋଭିକଙ୍କୁ ସିଧାସଳଖ ୬-୩, ୬-୦, ୬-୪ ସେଟ୍‌ରେ ପରାସ୍ତ କରି ଏହି ନିଆରା ରେକର୍ଡ କରିଛନ୍ତି ଏଭଳି କରିବାରେ ଆମେରିକାର କିଂବଦନ୍ତି ମହିଳା ଟେନିସ୍ ତାରକା ମାର୍ଟିନା ନାଭ୍ରାତିଲୋଭା ଓ ସ୍ୱିଜରଲାଣ୍ଡର ସଫଳତମ ଟେନିସ୍ ଖେଳାଳି ରୋଜର ଫେଡେରରଙ୍କ ସହ ସମକକ୍ଷ ହୋଇଛନ୍ତି। ଏହି ରେକର୍ଡ ଛୁଇଁବା ପରେ ୩୮ ବର୍ଷୀୟ ଜୋକୋଭିକ କହିଛନ୍ତି, ଏହି ଐତିହାସିକ ମାଇଲ୍‌ଖୁଣ୍ଟ ଛୁଇଁ ବହୁତ ଖୁସି ଲାଗୁଛି।

ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ଏଭଳି ଏକ ସ୍ଥିତିରେ ଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି ଟେନିସ୍ ମୋତେ ସବୁକିଛି ଦେଇଛି ଏହା ମୋତେ ଆହୁରି ଭଲ କରିବା ଲାଗି ପ୍ରେରଣା ଦେଇଛି ନିଜ ୭ବର୍ଷୀୟ ଝିଅ ତାରାର ଉପସ୍ଥିତିରେ ଏଭଳି ଏକ ରେକର୍ଡ କରିବା ନୋକୋଭିକଙ୍କୁ ଅଧିକ ଉଲ୍ଲସିତ କରିଛି ତାରା ମଧ୍ୟ ମ୍ୟାଚ୍ ସାରା ପିତାଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି ଏଥିଲାଗି ସେ ହିଁ ଅଲ୍ ଇଂଲଣ୍ଡ ଲନ୍‌ରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ସେହିଭଳି ରୁଷିଆର ସପ୍ତଦଶ ସିଡ୍ ଖେଳାଳି କାରେନ୍ ଖଚନୋଭ ୬-୪, ୬-୨, ୬-୩ରେ ପୋଲାଣ୍ଡର କାମିଲ ମାଚଜକ୍‌ଙ୍କୁ ହରାଇ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଜୋର୍ଡାନ୍ ଥମ୍ପସନ୍ ୬-୧, ୩-୦ରେ ପଛୁଆ। ଥାଇ ତୃତୀୟ ରାଉଣ୍ଡ୍ ମୁକାବିଲାରୁ ଓହରିଯିବା ପରେ ପଞ୍ଚମ ସିଡ୍ ଆମେରିକାର ଟେଲର ଫ୍ରିଜ୍ ମଧ୍ୟ କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ